بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସାପ୍ତାହିକ ବଦର
Weekly BADAR Qadian
କାଦିଆନ
Odia

ସଂଖ୍ୟା 48-49

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

02-09 ଡ଼ିସେମ୍ବର 2021 02-09 ଫତହ୍ 1400 ହି.ଶ 26 ରବିଉଲ୍ ସାନି 4 ଜମାଦିଲ୍ ଅୱ୍ୱଲ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اَلۡحَمۡدُ لِلّٰہِ الَّذِیۡ خَلَقَ السَّمٰوٰتِ وَالۡاَرۡضَ وَجَعَلَ الظُّلُمٰتِ وَالنُّوۡرَ ۬ؕ ثُمَّ الَّذِیۡنَ کَفَرُوۡا بِرَبِّہِمۡ یَعۡدِلُوۡنَ

(سورۃ الانعام:2)

ଅନୁବାଦ- (କେବଳ) ଅଲ୍ଲାଃ ହିଁ ସମସ୍ତ ପ୍ରଶଂସାର ଯୋଗ୍ୟ ଯେ କି ଆକାଶ ଓ ପୃଥିବୀକୁ ସୃଷ୍ଟି କରିଛନ୍ତି ଏବଂ ଅନ୍ଧକାର ଓ ଜ୍ୟୋତିକୁ ମଧ୍ୟ ସୃଷ୍ଟଇ କରିଛନ୍ତି; ଏହା ସତ୍ୱେ ଅବିଶ୍ୱାସକାରୀମାନେ ସେମାନଙ୍କ ପାଳନକର୍ତାଙ୍କ (ସହିତ ଅନ୍ୟକୁ) ସମକକ୍ଷ କରୁଛନ୍ତି । *(ସୁରଃ- ମାଇଦା: ୨)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିʼଉମ୍‌ରିହି ୱ ଅମ୍‌ରିହି ॥**

**ସର୍ବଦା ନିଜର କଥନ ଓ କର୍ମକୁ ସଠିକ ରଖନ୍ତୁ ଏବଂ ସେଥିରେ ଏପରି ସମନ୍ୱୟ ରଖନ୍ତୁ ଯେପରି ସମନ୍ୱୟ ସାହାବା ର:ଅମାନେ ନିଜ ଜୀବନରେ କରି ଦେଖାଇଛନ୍ତି । ଠିକ୍ ସେହିପରି ଭାବରେ ସେମାନଙ୍କ ପଦାଙ୍କ ଅନୁସରଣ କରି ନିଜର ଆନ୍ତରିକତା ଏବଂ ବିଶ୍ୱସ୍ତତାର ଉଦାହରଣ ଦେଖାନ୍ତୁ ।**

**ହଜରତ ଅବୁବକର ସଦ୍ଦିକ୍ ର:ଅଙ୍କ ଆଦର୍ଶକୁ ସର୍ବଦା ନିଜ ସମ୍ମୁଖରେ ରଖ ।**

**ହଜରତ ଅବୁବକର ସଦ୍ଦିକ୍ ଏପରି ବନ୍ଧୁତ୍ୱର କର୍ତବ୍ୟ ପାଳନ କରିଥିଲେ ଯେ ତାହାର ଦୃଷ୍ଟାନ୍ତ ଏ ଦୁନିଆରେ ମିଳେନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### କଥନ ଓ କର୍ମରେ ସମନ୍ୱୟ

ବାସ୍ତବରେ ଏକଥାର ବହୁତ ଆବଶ୍ୟକତା ରହିଛି ଯେ ମଣିଷର କଥା ଓ କାର୍ଯ୍ୟ ଉଭୟ ମଧ୍ୟରେ ସମନ୍ୱୟ ରହୁଥିବ । ଯଦି ଉଭୟ ମଧ୍ୟରେ ସମନ୍ୱୟତା ନାହିଁ ତା'ହେଲେ କିଛି ବି ନାହିଁ । ସେଥିପାଇଁ ସର୍ବଶକ୍ତିମାନ ଅଲ୍ଲାଃ ପବିତ୍ର କୁର୍‌ଆନ୍‌ରେ କୁହନ୍ତି: **ଆ ତା'ମୁରୁନନ୍ ନାସା ବିଲ୍ ବିର୍‌ରି ୱ ତନ୍‌ସୌନା ଅନ୍‌ଫୁସକୁମ୍ (ଅଲ୍‌ବକ୍‌ରାଃ:୪୫)** ଅର୍ଥାତ- କ'ଣ ତୁମେମାନେ (ଅନ୍ୟ) ଲୋକମାନଙ୍କୁ ପୂଣ୍ୟ କରିବା ପାଇଁ କହୁଅଛ ଏବଂ ନିଜେ ନିଜକୁ ଭୁଲି ଯାଉଅଛ ? ପୁଣି ଅଲ୍ଲାଃ ତାଲା ଅନ୍ୟ ଏକ ସ୍ଥାନରେ କୁହନ୍ତି: **ଲିମାତକୁଲୁନା ମା ଲା ତଫ୍‌ଅଲୁନା (ଅସ୍‌ସଫ୍:୩)** ଅର୍ଥାତ:- ତୁମେମାନେ କାହିଁକି ସେ ବିଷୟ କହୁଅଛ ଯାହା ତୁମେମାନେ କରୁନାହଁ ? ମୋମିନ୍ (ଅର୍ଥାତ ବିଶ୍ୱାସକାରୀ)ଙ୍କୁ ଦୁଇ ପ୍ରକାର ରଙ୍ଗରେ ରଙ୍ଗିନ ହେବା ଠିକ୍ ନୁହେଁ । ଏହି ସଂକୀର୍ଣ୍ଣତା ଏବଂ କପଟୀ ସ୍ୱଭାବ ତା'ଠାରୁ ଦୂରରେ ରହିବା ଉଚିତ । ସର୍ବଦା ନିଜର କଥନ ଓ କର୍ମକୁ ସଠିକ ରଖନ୍ତୁ ଏବଂ ସେଥିରେ ଏପରି ସମନ୍ୱୟ ରଖନ୍ତୁ ଯେପରି ସମନ୍ୱୟ ସାହାବା ର:ଅମାନେ ନିଜ ଜୀବନରେ କରି ଦେଖାଇଛନ୍ତି । ଠିକ୍ ସେହିପରି ଭାବରେ ସେମାନଙ୍କ ପଦାଙ୍କ ଅନୁସରଣ କରି ନିଜର ଆନ୍ତରିକତା ଏବଂ ବିଶ୍ୱସ୍ତତାର ଉଦାହରଣ ଦେଖାନ୍ତୁ ।

### ହଜରତ ଅବୁବକର ସଦ୍ଦିକ୍ ର:ଅଙ୍କ ଆଦର୍ଶକୁ ନିଜ ସମ୍ମୁଖରେ ରଖନ୍ତୁ

ହଜରତ ଅବୁବକର ସଦ୍ଦିକ୍ ର:ଅଙ୍କ ଆଦର୍ଶକୁ ସର୍ବଦା ନିଜ ସମ୍ମୁଖରେ ରଖ । ଆଁ ହଜରତ ସ:ଆ:ସଙ୍କ ସେହି ଯୁଗ ସମ୍ବନ୍ଧରେ ଚିନ୍ତାକର

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ବାସ୍ତବିକତା ହେଉଛି ଏହାକି ଯେଉଁଭଳି ମଣିଷମାନଙ୍କ ମଧ୍ୟରୁ କେହି ହେଲେ ବି ମହାଭାଗ ସ:ଆ:ସଙ୍କ ଦାୱ୍ୱତ (ଅର୍ଥାତ ଈଶ୍ୱରଙ୍କ ଆଡ଼କୁ ଆମନ୍ତ୍ରଣ କରିବାର) ପରିଧିରୁ ବାହାର ନୁହନ୍ତି ସେହିଭଳି ମଣିଷମାନଙ୍କ ବ୍ୟତିତ କୌଣସି ପ୍ରାଣୀ ମଧ୍ୟ ମହାଭାଗ ସ:ଆ:ସଙ୍କ ଉପରେ ବିଶ୍‌ବାସ ଆଣିବା ପାଇଁ ବାଧ୍ୟ ନୁହନ୍ତି । ଏହି କାରଣ ଯୋଗୁଁ ଯେଉଁ ମୋମିନ୍ (ବିଶ୍ୱାସୀ) ଜିନ୍ନମାନଙ୍କର ଚର୍ଚ୍ଚା ପବିତ୍ର କୁର୍‌ଆନ୍‌ରେ କରାଯାଇଅଛି, ସେମାନେ ମାନବ ହିଁ ଥିଲେ, ଅନ୍ୟ କୌଣସି ପ୍ରାଣୀ ନଥିଲେ**

ସୁରଃ ଅଲ୍‌ଜିନ୍ନ ଏବଂ ସୁରଃ ଅହ୍‌କାଫ୍‌ରୁ ଜଣାପଡୁଛି ଯେ ଜିନ୍ନମାନଙ୍କର ଗୋଟିଏ ଗୋଷ୍ଠୀ ଆଁ ହଜରତ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିଲା ଏବଂ ହଦିସ୍‌ରୁ ମଧ୍ୟ ପ୍ରମାଣିତ ଯେ ଜିନ୍ନମାନଙ୍କର ଗୋଟିଏ ପ୍ରତିନିଧି ମଣ୍ଡଳ ରସୁଲେ କରିମ୍ ସ:ଆ:ସଙ୍କ ସହିତ ସାକ୍ଷାତ କରିବା ପାଇଁ ଆସିଥିଲା । ସୟଦନା ହଜରତ ମୁସ୍‌ଲେହ ମଉଦ ର:ଅ କହିଛନ୍ତି ଯେ ଯେଉଁ ଜିନ୍ନମାନେ ଆଁ ହଜରତ ସ:ଆ:ସଙ୍କ ଉପରେ ଇମାନ୍ (ବିଶ୍ୱାସ) ଆଣିଥିଲେ, ସେମାନେ ମଣିଷ ଥିଲେ । ଏ ସମ୍ବନ୍ଧରେ ଗତ ସଂଖ୍ୟାରେ ପାଂଚଟି ପ୍ରମାଣ ଉପସ୍ଥାପନ କରାଯାଇ ସାରିଛି ।

ସେହି ବିଶ୍ୱାସୀ ଜିନ୍ନମାନେ ମଣିଷ ଥିଲେ ବୋଲି, ଷଷ୍ଠ ପ୍ରମାଣ ହେଉଛି ଏହା କି ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍‌ରେ ଆସିଛି ଯେ: **କାନା (ରସୁଲୁଲ୍ଲାଃ ସ:ଆ:ସ) ଲହୁମ୍ ଲକଦ୍..................... ଇନ୍ନମା ୟୁରସଲା ଇଲା କୌମିଲି** ***(ଖଣ୍ଡ-୨, ପୃ-୨୨୨)*** ଅର୍ଥାତ: ରସୁଲେ କରିମ୍ ସ:ଆ:ସ ତହଜ୍ଜୁଦ୍ ନମାଜ ପଢ଼ିସାରିବା ପରେ ନିଜ ପଛରେ ଯେଉଁ ପ୍ରହରୀମାନେ ନମାଜରେ ସାମିଲ ଥିଲେ, ସେମାନଙ୍କୁ କହିଲେ ଯେ ଆଜି ମତେ ପାଂଚଟି ବୈଶିଷ୍ଟ୍ୟ ପ୍ରଦାନ କରାଯାଇଅଛି, ପୂର୍ବରୁ ଏହି ବୈଶିଷ୍ଟ୍ୟତା କାହାକୁ ବି ମିଳିନାହିଁ । ଗୋଟିଏ ହେଉଛି ଏହାକି ମତେ ବିନା କୌଣସି ଭେଦଭାବରେ ସମଗ୍ର ଜାତି / ସମ୍ପ୍ରଦାୟ ନିମନ୍ତେ ପ୍ରେରଣ କରାଯାଇଅଛି । ମୋ ପୂର୍ବରୁ ଯେଉଁ ନବୀମାନେ ଆସିଥିଲେ, ସେମାନେ କେବଳ ନିଜ ଜାତି/ ସମ୍ପ୍ରଦାୟ ପାଇଁ ଆସିଥିଲେ । (ଆଗକୁ ବାକି ଚାରୋଟି ବୈଶିଷ୍ଟ୍ୟତା ବର୍ଣ୍ଣନା କରାଯାଇଅଛି । ଏକଥା ମଧ୍ୟ ମନେ ରହୁ ଯେ ସେହି ରାତ୍ରିରେ ପାଂଚୋଟି ବୈଶିଷ୍ଟ୍ୟତା ଏକାଠି ମହାଭାଗ ସ:ଆ:ସଙ୍କୁ ବତାଇ ଯାଇଥିଲା ନଚେତ କିଛି ବୈଶିଷ୍ଟ୍ୟତା ଉଦାହରଣ ସ୍ୱରୁପ, ଉପର ବର୍ଣ୍ଣିତ ବୈଶିଷ୍ଟ୍ୟତାଟି ମହାଭାଗ ସ:ଆ:ସଙ୍କୁ ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରୁ ହି ମିଳିସାରିଥିଲା) ଏହି ହଦିସ୍‌ଟି ମହଜୁଦ୍ ଥିବା ବେଳେ କିଏ ଏହା

## ନବୀ ସ:ଆ:ସଙ୍କ ବାଣୀ

### ହଜରତ ମୁହମ୍ମଦ ସ:ଆ:ସଙ୍କ "ତଲ୍‌ବିୟା"ର ବାକ୍ୟ

(୧୫୪୯) ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର ରଜିୟଲ୍ଲାହୁ ଅନ୍‌ହୁମାଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ଲବ୍‌ବୈକ୍ ଏପରି ଥିଲା । **ଲବ୍‌ବୈକ୍ ଅଲ୍ଲାହୁମ୍ମା ଲବ୍‌ବୈକ୍, ଲବ୍‌ବୈକ୍ ଲା ଶରିକା ଲକା ଲବ୍‌ବୈକ୍ ଇନ୍ନଲ୍ ହମ୍‌ଦା ୱନ୍‌ନେମତା ଲକା ୱଲ୍ ୱଲ୍‌ମୁଲ୍‌କା ଲାଶରିକା ଲକା** ଅର୍ଥାତ:- ମୁଁ ଉପସ୍ଥିତ ଅଛି । ହେ ମୋର ଅଲ୍ଲାଃ ! ମୁଁ ଉପସ୍ଥିତ ଅଛି । ମୁଁ ଉପସ୍ଥିତ ଅଛି । ପ୍ରତ୍ୟେକ ଉତମତା ଏବଂ ପ୍ରତ୍ୟେକ ଆର୍ଶିବାଦ/ପୁରସ୍କାର ତୁମ୍ଭର ହିଁ ଅଟେ ଏବଂ ତୁମ୍ଭର ହିଁ ରାଜତ୍ୱ ରହିଛି । ତୁମ୍ଭର ସମକକ୍ଷ କେହି ବି ନୁହଁନ୍ତି ।

(୧୫୫୦) ହଜରତ୍ ଆଇଶା ରଜିୟଲ୍ଲାଃ ଅନ୍‌ହୁମାଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେ କୁହନ୍ତି:- ମୁଁ ଖୁବ୍ ଭଲଭାବରେ ଜାଣିଛି ଯେ ନବୀ ସ:ଆ:ସ କିପରି **ଲବ୍ବୈକ୍** କହୁଥିଲେ । ଅର୍ଥାତ **ଲବ୍‌ବୈକ୍ ଅଲ୍ଲାହୁମ୍ମା ଲବ୍‌ବୈକ୍, ଲବ୍‌ବୈକ୍ ଲା ଶରିକା ଲକା ଲବ୍‌ବୈକ୍ ଇନ୍ନଲ୍ ହମ୍‌ଦା ୱନ୍‌ନେମତା ଲକା ।** ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ହଜ୍, ମୁଦ୍ରିତ କାଦିଆନ୍ ୨୦୦୮)***

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧୨୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିକ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

କହିପାରିବ ଯେ ଏହି ଜିନ୍ନମାନେ, ଯେଉଁମାନେ ଆଁ ହଜରତ ସ:ଆ:ସଙ୍କ ଉପରେ ଇମାନ୍ ଆଣିଥିଲେ, ସେମାନେ ଅନ୍ୟ କୌଣସି ଜୀବ/ ପ୍ରାଣୀ ଥିଲେ ବୋଲି । କାରଣ ପବିତ୍ର କୁର୍‌ଆନ୍ ସ୍ପଷ୍ଟ ଭାବରେ ଏହା ବତାଇଦେଇଛି ଯେ ସେମାନେ ହଜରତ ମୁସା ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିଲେ । ଯଦି ସେମାନେ ବନି ଇସ୍ରାଇଲ୍‌ମାନଙ୍କ ମଧ୍ୟରୁ ନଥିଲେ ତେବେ ମୁସା ଆ:ସଙ୍କ ଉପରେ ବିଶ୍ୱାସ ଆଣିବା କେମିତି ଯୁକ୍ତିଯୁକ୍ତ ହୋଇପାରେ । ଯଦି ଏ ଆପତି ଉଠେ ଯେ ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା ଏହା କହିଛନ୍ତି ଯେ **କମା ଅର୍‌ସଲ୍‌ନା ଇଲା ଫିର୍‌ଅଓନା ରସୁଲା** ***(ମୁଜମ୍ମିଲ୍:୧୬)*** ଅର୍ଥାତ: ମୁସାଙ୍କୁ ଫିରଔନ୍ ନିକଟକୁ ରସୁଲ୍ ଭାବରେ ପ୍ରେରଣ କରାଯାଇଥିଲା । ଯଦିଓ ଫିର୍‌ଔନ୍ ବନି ଇସ୍ରାଇଲୀୟମାନଙ୍କ ମଧ୍ୟରେ ନଥିଲା । ତେବେ ଏହାର ଉତର ହେଉଛି ଏହା କି ଏଠାରେ ଜାତିର ଅର୍ଥ କେବେ ବଂଶ ଆଧାରରେ ହୋଇଥାଏ ତ କେବେ ପ୍ରାନ୍ତୀୟ । ଉଦାହରଣ ସ୍ୱରୁପ ହିନ୍ଦୁସ୍ତାନ୍‌ରେ ଭିନ୍ନ ଭିନ୍ନ ଜାତିର ଲୋକମାନେ ବସବାସ କରୁଥିଲେ ସେଥିରେ ଯେଉଁ ନବୀ ଆସୁଥିଲେ ସେ ହିନ୍ଦୁସ୍ତାନୀ ଜାତି ପ୍ରତି ପ୍ରେରଣ ହେଉଥିଲେ ନା କି ବ୍ରାହ୍ମଣ ବା ରାଜପୁତ ପ୍ରତି । କାରଣ ଗୋଟିଏ ସ୍ଥାନରେ ରହୁଥିବା ଭିନ୍ନ ଭିନ୍ନ ଜାତିର ଲୋକମାନଙ୍କ ସୁବିଧା ପାଇଁ ଗୋଟିଏ ଜାତି ଭାବରେ ପରିଗଣିତ କରାଯାଇଥାଏ ସୁତରାଂ ଫିରଔନ୍ ସହିତ ଓ ତା ଜାତି ସହିତ ଯେହେତୁ ହଜରତ ମୁସା ପ୍ରଶାସନିକ, ରାଜନୈତିକ, ନୈତିକ ଏବଂ ସାସ୍କୃତିକ ଆଧାରରେ ବାନ୍ଧି ହୋଇ ରହିଥିଲେ, ତେଣୁ ତାଙ୍କୁ ଗୋଟିଏ ଜାତି ବୋଲି ବିବେଚନା କରାଗଲା । କିନ୍ତୁ ଜିନ୍ନମାନଙ୍କୁ ହଜରତ ମୁସ ଆ:ସଙ୍କ ସହିତ କଣ ସମ୍ବନ୍ଧ ଥିଲା ଯେ ପ୍ରଶାସନିକ ଦୃଷ୍ଟିକୋଣରୁ, ରାଜନୈତିକ ଦୃଷ୍ଟିକୋଣରୁ, କାନୁନ ଦୃଷ୍ଟିକୋଣରୁ ବା ସାଂସ୍କୃତିକ ଦୃଷ୍ଟିକୋଣରୁ ହେଉ ସେମାନଙ୍କୁ ମଧ୍ୟ ମୁସା ଆ:ସଙ୍କ ଉପରେ ଇମାନ୍ ଆଣିବା ପାଇଁ ଆଦେଶ ଦିଆ ଯାଇଥିଲା ଯଦି ଏକଥା କୁହ ଯେ ହଜରତ ମୁସା ଆ:ସଙ୍କୁ ଓ ବନି ଇସ୍ରାଇଲ ତଥା ତାଙ୍କ ସହିତ ଥିବା ସମ୍ପ୍ରଦାୟ ନିକଟକୁ ପଠାଯାଇଥିଲା କିନ୍ତୁ ଜିନ୍ନମାନେ ନିଜ ଆଡୁ ତାଙ୍କ ଉପରେ ବିଶ୍ୱାସ ଆଣିଥିଲେ, ତା'ହେଲେ ଏହା ମଧ୍ୟ ଠିକ୍ ନୁହେଁ । ହଜରତ ମସିହ୍ (ଯୀଶୁ) ଆ:ସଙ୍କର ଗୋଟିଏ ଘଟଣା ଇଞ୍ଜିଲ୍‌ରେ ବର୍ଣ୍ଣନା ହୋଇଛି, ସେଥିରୁ ଜଣାପଡୁଛି ଯେ ସେ ଅନ୍ୟ ଜାତିର ଲୋକମାନଙ୍କୁ ନିଜ ସଂପ୍ରଦାୟରେ ସାମିଲ ହେବା ପାଇଁ ଅନୁମତି ବି ଦେଇନାହାନ୍ତି ବରଂ ତାଙ୍କୁ ଜଣେ ଅନ୍ୟ ଜାତିର ବ୍ୟକ୍ତି ତବ୍‌ଲିଗ୍ କରିବା ପାଇଁ ନିବେଦନ କରିଥିଲେ କିନ୍ତୁ ଯୀଶୁ ତାଙ୍କୁ କହିଲେ ଯେ "ପିଲାମାନଙ୍କର ରୁଟି ନେଇ କୁକୁର ସମ୍ମୁଖରେ ରଖିବା ଠିକ୍ ନୁହେଁ" ***(ମତା, ଅଧ୍ୟାୟ-୧୫, ଆୟତ ୨୬)*** ଅତଏବ ଏହା ମଧ୍ୟ ଠିକ୍ ନୁହେଁ ଯେ ସେମାନେ ନିଜ ମନଇଚ୍ଛାରେ ଇମାନ୍ (ବିଶ୍ୱାସ) ଆଣିଥିଲେ । କାରଣ ଯଦି ଜିନ୍ନମାନେ କୌଣସି ପ୍ରଭାବଶାଳୀ ଜାତି ଥିଲେ ତେବେ ସେମାନଙ୍କ ପାଇଁ କେବଳ ସେହି ନବୀଙ୍କ ଉପରେ ବିଶ୍ୱାସ ଆଣିବା ବାଧ୍ୟତାମୂଳକ ହେବ ଯେଉଁମାନେ ମିନ୍ ଅନ୍‌ଫୁସିହିମ୍ ଅର୍ଥାତ ସେମାନଙ୍କ ମଧ୍ୟରୁ ହୋଇଥିବେ । ମୁସା ଆ:ସଙ୍କ ଉପରେ ବିଶ୍ୱାସ ଆଣିବା ସେମାନଙ୍କ ପାଇଁ ବୈଧ ନଥିଲା । ଅତଏବ ପବିତ୍ର କୁର୍‌ଆନ୍‌ର ଆୟତ ଓ ଉପର ବର୍ଣ୍ଣିତ ହଦିସ୍ ଅନୁଯାୟୀ ଅତିକମ୍‌ରେ ରସୁଲେ୍ କରିମ ୍ସ:ଆ:ସଙ୍କ ପୂର୍ବରୁ ଜିନ୍ନମାନଙ୍କ ପାଇଁ ସ୍ୱତନ୍ତ୍ର ନବୀ ପ୍ରେରଣ କରାଯିବା ଜରୁରୀ ଥିଲା, ଯେଉଁମାନେ ନିଜେ ସେମାନଙ୍କ ମଧ୍ୟରୁ ହୋଇଥାନ୍ତେ ଓ ତତ୍‌ସହିତ ଜିନ୍ନମାନଙ୍କ ଭିନ୍ନ ଭିନ୍ନ ସମ୍ପ୍ରଦାୟ ପ୍ରତି ଅଲଗା ଅଲଗା ନବୀ ଆସିବା ଜରୁରୀ ଥିଲା ।

ଏହି ଜିନ୍ନମାନେ ମାନବ ଥିଲେ ବୋଲି ସପ୍ତମ ପ୍ରମାଣ ହେଉଛି ଏହା କି ରସୁଲେ କରିମ୍ ସ:ଆ:ସଙ୍କର ଦାବି ଯାହା ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣନା କରିଛନ୍ତି:- **ୟା ଅୟୁହନ୍ ନାସୁ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଜମିଆ (ଅଲ୍ ଆରାଫ୍:୧୫୯)** ଏଠାରେ ଜିନ୍ନମାନଙ୍କୁ ରିସାଲତ୍ (ଅର୍ଥାତ ଦୂତମାନଙ୍କ) ମଧ୍ୟରେ ସାମିଲ କରାଯାଇନାହିଁ । ଯଦି ଜିନ୍ନ କୌଣସି ଅଲଗା ପ୍ରାଣୀ ହୋଇଥାନ୍ତେ ଓ ସେମାନଙ୍କ ପାଇଁ ମହାଭାଗଙ୍କ ଉପରେ ବିଶ୍ୱାସ ଆଣିବା ଜରୁରୀ ଥିଲା ତଥା ବୈଧ ହିଁ ଥିଲା ତେବେ ଅଲ୍ଲାଃ ଏପରି କହିଥାନ୍ତେ:- **ୟା ଅୟୋହନ୍ ନାସୁ ଓ୍ୱଲ୍‌ଜିନ୍ନୁ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଜମିଆ** କିନ୍ତୁ ଏହା ତ ପବିତ୍ର କୁର୍‌ଆନ୍‌ରେ କେଉଁଠି ବି ଆସିନାହି । ଅତଏବ ଯେଉଁ ଜିନ୍ନମାନେ ଆଁ ହଜରତ ସ:ଆ;ସଙ୍କ ଉପରେ ଇମାନ୍ ଆଣିଥିଲେ ୂସେମାନେ ପବିତ୍ର କୁର୍‌ଆନ୍‌ର ବ୍ୟାଖ୍ୟା ମୁତାବକ ମଣିଷମାନଙ୍କ ମଧ୍ୟରେ ହିଁ ଥିଲେ ଏବଂ ଏହି କାରଣ ଯୋଗୁଁ ମହାଭାଗ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିବାକୁ ବାଧ୍ୟ ଥିଲେ । ଆଉ ଗୋଟିଏ ଆୟତ ଏ ବିଷୟକୁ ସ୍ପଷ୍ଟ କରିଦେଇଛି । ସୁରଃ ସବାର ଆୟତ **ଓ୍ୱମା ଅର୍‌ସଲ୍‌ନାକା ଇଲ୍ଲା କାଫ୍‌ଫତନ୍ ଲିନ୍ନାସି (ସବା:୨୯)** "କାଫ୍‌ଫତନ୍" ଶବ୍ଦର ମୂଳ ଶବ୍ଦ ହେଉଛି "କଫ୍‌ଫା" । ଯାହାର ଅସଲ ଅର୍ଥ ହେଉଛି ଏକତ୍ରିତ କରିବା ଓ ରୋକିବା । ସୁତରାଂ ଏହି ଦୃଷ୍ଟିକୋଣରୁ ଆୟତର ଅର୍ଥ ଏପରି ହେବ କି ହେ ମୁହମ୍ମଦ ସ:ଆ:ସ ଆମ୍ଭେ ତୁମ୍ଭକୁ କେବଳ ଏଥିପାଇଁ ପ୍ରେରଣ କରିଅଛୁ ଯେ ତୁମେ ମଣିଷମାନଙ୍କୁ ଏକତ୍ରିତ କରିବ ଏବଂ କୌଣସି ମନୁଷ୍ୟକୁ ବି ନିଜର ତବ୍‌ଲିଗ୍‌ରୁ ଅଲଗା ରହିବାକୁ ଦେବନାହିଁ । ଏବେ ଦେଖନ୍ତୁ ଯେ ଅଲ୍ଲାଃ ତାଲା ତ ଏକଥା କହିଛନ୍ତି ଯେ ତୁମକୁ କେବଳ ମଣିଷମାନଙ୍କୁ ଏକାଠି କରିବା ପାଇଁ ପ୍ରେରଣ କରାଯାଇଅଛି କିନ୍ତୁ କିଛି ଲୋକ ଭାବୁଛନ୍ତି ଯେ ମଣିଷମାନଙ୍କ ବ୍ୟତୀତ ଆଉ କିଛି ପ୍ରାଣୀ ମଧ୍ୟ ଅଛନ୍ତି ଓ ସେମାନେ ମଧ୍ୟ ମୁହମ୍ମଦ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିବା ପାଇଁ ବାଧ୍ୟ ଅଟନ୍ତି । ସୁତରାଂ ବାସ୍ତବିକତା ହେଉଛି ଏହାକି ଯେଉଁଭଳି ମଣିଷମାନଙ୍କ ମଧ୍ୟରୁ କେହି ହେଲେ ବି ମହାଭାଗ ସ:ଆ:ସଙ୍କ ଦାଓ୍ୱତ (ଅର୍ଥାତ ଈଶ୍ୱରଙ୍କ ଆଡ଼କୁ ଆମନ୍ତ୍ରଣ କରିବାର) ପରିଧିରୁ ବାହାର ନୁହନ୍ତି ସେହିଭଳି ମଣିଷମାନଙ୍କ ବ୍ୟତିତ କୌଣସି ପ୍ରାଣୀ ମଧ୍ୟ ମହାଭାଗ ସ:ଆ:ସଙ୍କ ଉପରେ ବିଶ୍‌ବାସ ଆଣିବା ପାଇଁ ବାଧ୍ୟ ନୁହନ୍ତି । ଏହି କାରଣ ଯୋଗୁଁ ଯେଉଁ ମୋମିନ୍ (ବିଶ୍ୱାସୀ) ଜିନ୍ନମାନଙ୍କର ଚର୍ଚ୍ଚା ପବିତ୍ର କୁର୍‌ଆନ୍‌ରେ କରାଯାଇଅଛି, ସେମାନେ ମାନବ ହିଁ ଥିଲେ, ଅନ୍ୟ କୌଣସି ପ୍ରାଣୀ ନଥିଲେ । ***(ତଫ୍‌ସୀର୍ କବୀର୍ ଖଣ୍ଡ-୪, ପୃ-୬୮ ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ଯେବେ ଚାରିପଟୁ କୁରୈଶ୍‌ମାନେ ଦୁଷ୍ଟାମିରେ ମାତିଥିଲେ ଏବଂ କୁଫ୍‌ଫାର୍ (ଅବିଶ୍ୱାସୀ)ମାନେ ଆଁ ହଜରତ ସ:ଆ:ସଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରୁଥିଲେ, ସେହି ସମୟଟି ବଡ଼ ପରୀକ୍ଷାର ସମୟ ଥିଲା । ଆଜି ଏଠାରେ ତୁମେମାନେ ଯେତେ ସଂଖ୍ୟାରେ ବସିଅଛ, ନିଜ ନିଜର ସ୍ଥାନରେ ରହି ଚିନ୍ତା ଓ ବିଚାର କରି ଦେଖ ଯଦି ସେହି ପ୍ରକାରର କିଛି ପରୀକ୍ଷା ଆସିଯାଏ, ତେବେ କିଏ ତୁମକୁ ସାହାଯ୍ୟ କରିବ । ବା ଉଦାହରଣ ସ୍ୱରୁପ ଯଦି ସରକାରଙ୍କ ତରଫରୁ ଅନୁସନ୍ଧାନ କରାଯାଏ ଯେ କେଉଁ ଲୋକମାନେ ଏହି ବ୍ୟକ୍ତିଙ୍କ ବୟତ କରିଛନ୍ତି, ତେବେ ଏପରି ସ୍ଥଳେ କେତେ ଲୋକ ଏପରି ଥିବେ ଯେଉଁମାନେ ସତ୍‌ସାହାସ ଦେଖାଇ ଏହା କହିବେ ଯେ ଆମେ ବୟତରେ ସାମିଲ ହୋଇଅଛୁ । ମୁଁ ଏହା ଜାଣିଛି ଯେ (ଏମିତି ପରିସ୍ଥିତିରେ) କିଛି ଲୋକଙ୍କ ହାତଗୋଡ଼ ଶୂନ୍ ହୋଇଯିବ । ସେମାନଙ୍କୁ ତତ୍‌କ୍ଷଣାତ୍ ନିଜ ଧନସମ୍ପତି ଓ ବନ୍ଧୁବାନ୍ଧବଙ୍କ କଥା ମନେପଡ଼ିବ ଯେ ଆମକୁ ଏହା ସବୁ ଛାଡ଼ିବାକୁ ପଡ଼ିବ । ଅସୁବିଧା ସମୟରେ ସର୍ବଦା ପୂର୍ଣ୍ଣ ବିଶ୍ୱାସକାରୀ ଲୋକମାନେ ହିଁ କାମରେ ଆସିଥାନ୍ତି । ତେବେ ସେ ଯୁଗରେ ଆଁ ହଜରତ ସ:ଆ:ସଙ୍କ ଉପରେ ଯେଉଁ ଭୀଷଣ ଦୁଃଖ ଓ ବିପତି ଆସିଥିଲା ଓ ତାଙ୍କୁ ହତ୍ୟା କରିବାର ଯୋଜାନ କରାଯାଉଥିଲା, ସେତେବେଳେ ହଜରତ ଅବୁବକର ସଦ୍ଦିକ୍ ଏପରି ବନ୍ଧୁତ୍ୱର କର୍ତବ୍ୟ ପାଳନ କରିଥିଲେ ଯେ ତାହାର ଦୃଷ୍ଟାନ୍ତ ଏ ଦୁନିଆରେ ମିଳେନାହିଁ । ଏପରି ଦମ୍ଭ ଓ ଶକ୍ତି ବିନା ବିଶ୍ୱାସରେ ପ୍ରାପ୍ତ ହୁଏନାହିଁ । ଯେ ପର୍ଯ୍ୟନ୍ତ ବ୍ୟବହାରିକ କ୍ଷେତ୍ରରେ ମଣିଷ ଇମାନ୍ (ବିଶ୍ୱାସ)କୁ ନିଜ ମଧ୍ୟରେ ଭରି ନ ରଖିଛି ସେ ପର୍ଯ୍ୟନ୍ତ କିଛି ବି ହାସଲ ହୁଏ ନାହିଁ । ଆଳ ଓ ବାହାନା ସେ ପର୍ଯ୍ୟନ୍ତ ଦୂର ହିଁ ହୁଏନାହିଁ । ବାସ୍ତବିକ ଯେତେବେଳେ ନିଆଁ ଲାଗିଥାଏ ସେତେବେଳେ ବହୁତ କମ ଲୋକ ଥାନ୍ତି ଯେଉଁମାନେ ସ୍ଥିର ରହିଥାନ୍ତି । ହଜରତ ମସିହ୍ (ଯୀଶୁ)ଙ୍କ ହଓ୍ୱାରି (ସାଥି)ମାନେ ସେହି ଶେଷ ସମୟରେ, ଯାହା ଏକ ପରୀକ୍ଷାର ସମୟ ଥିଲା, ତାଙ୍କୁ (ମସିହ୍‌ଙ୍କୁ) ଛାଡ଼ି ଚାଲି ଯାଇଥିଲେ ଓ କିଛି ସାଥି ତ ତାଙ୍କ ସମ୍ମୁଖର ହିଁ ତାଙ୍କୁ ଅଭିଷାପ ଓ କଟୁ ମନ୍ତବ୍ୟ ଦେଇଥିଲେ । ***(ମଲ୍‌ଫୁଜାତ, ଖଣ୍ଡ-୧, ପୃ-୩୩୮, ମୁଦ୍ରିତ କାଦିଆନ୍ ୨୦୧୮)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜତବା ସାହେବ ଜଣେ ଚଳନ୍ତି ଦେବଦୂତ ଥିଲେ । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ । ଅତିଥିସତ୍କାର ସମ୍ପର୍କରେ ମୁଁ ଏହା ମଧ୍ୟ କହିବାକୁ ଚାହେଁ ଜଣେ ପୁରୁଷ ସେତେବେଳେ ଅତିଥିସତ୍କାର କରିପାରିଥାଏ ଯେତେବେଳେ ଘରର ମହିଳା ଅତିଥି ସତ୍କାର କରିବାପାଇଁ ଆଗେଇ ଆସିଥାଏ । ତାଙ୍କ ପତ୍ନୀ ମଧ୍ୟ ବହୁତ ଆତିଥ୍ୟବାନ ମହିଳା ଥିଲେ । ଜଣେ ଡ଼ାକ୍ତରଙ୍କ ପତ୍ନୀ ମଧ୍ୟ କିଭଳି ଅତିଥିସତ୍କାରିଣୀ ଓ ଅତିଥି ସେବିକା ଥିଲେ । ଦୀର୍ଘାୟୁ ହେବା ପାଇଁ ଓ ତାଙ୍କ ଉତମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃ ତାଲା ତାଙ୍କର ଧନଜୀବନରେ କଲ୍ୟାଣ ପ୍ରଦାନ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିଙ୍କୁ ତଥା ଆଗାମୀ ବଂଶଧରମାନଙ୍କୁ ମଧ୍ୟ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ଓ ତାଙ୍କ ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ନିଜ ମାଆଙ୍କ ସେବା କରିବାପାଇଁ ମଧ୍ୟ ସୌଭାଗ୍ୟ ପ୍ରଦାନ କରନ୍ତୁ । ଆମିନ୍ ।।

⌘⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୂହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ଅବୁବକର ର:ଅ ଓ ଉମର ର:ଅ ବୈକୁଣ୍ଠର ପୂର୍ବ ଓ ପରର ସମସ୍ତ ବୟୋଜ୍ୟେଷ୍ଠମାନଙ୍କର ସରଦାର ଅଟନ୍ତି କେବଳ ଅମ୍ବିୟା (ଅର୍ଥାତ ଭବିଷ୍ୟଦ୍‌ବକ୍ତା) ଓ ରସୁଲ୍‌ମାନଙ୍କ ବ୍ୟତୀତ ।**

**ରସୁଲୁଲ୍ଲାଃ ସ:ଆ:ସ କହିଲେ ଉମର୍ ବିନ୍ ଖତାବ୍ ହେଉଛନ୍ତି ବୈକୁଣ୍ଠର ଦୀପ ।**

**ଅବଶ୍ୟ ପୂର୍ବରୁ ଆସିଥିବା ସମ୍ପ୍ରଦାୟଗୁଡ଼ିକରେ ମୁହଦିସନ୍ (ଅର୍ଥାତ ଅଲ୍ଲାଃଙ୍କ ସହିତ ବାର୍ତାଳାପ କରୁଥିବା ବ୍ୟକ୍ତି ବିଶେଷ) ଥିଲେ । ଯଦି ମୋ ସମ୍ପ୍ରଦାୟରେ କିଏ ଥାଏ ତା'ହେଲେ ସେ ହେଉଛନ୍ତି ଉମର୍ ବିନ୍ ଖତାବ୍ ।**

**ହଜରତ ଉମର ର:ଅଙ୍କ ପଦମର୍ଯ୍ୟାଦା ଓ ସ୍ତର ସାହାବାମାନଙ୍କ ଗହଣରେ ଏତେମାତ୍ରାରେ ଥିଲା ଯେ ବେଳେବେଳେ ତାଙ୍କ ରାୟ ଅନୁଯାୟୀ ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ ହୋଇଯାଉଥିଲା ଏବଂ ତାଙ୍କ ସପକ୍ଷରେ ଏ ହଦିସ୍ ଅଛି ଯେ ଶୈତାନ୍ ଉମରଙ୍କ ଛାଇ ଦେଖି ଦଉଡ଼ି ପଳାଇଥାଏ**

**ଆଁ ହଜରତ ସ:ଆ:ସ କହିଛନ୍ତି ଯେ ମୋ ସମ୍ପ୍ରଦାୟରେ ଅଲ୍ଲାଃଙ୍କ ଧର୍ମରେ ସବୁଠାରୁ ମଜ୍‌ଭୁତ୍ ବ୍ୟକ୍ତି ହେଉଛନ୍ତି ଉମର ର:ଅ ।**

**ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ୱ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା ।**

**ଦେବଦୂତ ଗୁଣର ଅଧିକାରୀ, ସରଳ ସ୍ୱଭାବ, ସ୍ୱଳ୍ପଭାଷୀ, ଗରୀବଙ୍କ ପ୍ରତି ସହାନୁଭୂତିଶୀଳ, ବିନମ୍ର ସ୍ୱଭାବର ଅଧିକାରୀ ଏବଂ ଅତ୍ୟନ୍ତ ଅତିଥି ପରାୟ ଶ୍ରୀମାନ୍ ଡ଼ାକ୍ତର ତାସିର୍ ମୁଜ୍‌ବତା ସାହେବଙ୍କ ଦେହାନ୍ତରେ ତାଙ୍କ ସୁଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍: ୨୯ ଅକ୍ଟୋବର ୨୦୨୧ ଅନୁଯାୟୀ ୨୯ ଇଖା ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-

اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-

اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଯେଉଁ ଲୋକମାନଙ୍କୁ ଆଁ ହଜରତ ସ:ଆ:ସ ବୈକୁଣ୍ଠର ସୁସମାଚାର ପ୍ରଦାନ କରିଥିଲେ ସେମାନଙ୍କ ମଧ୍ୟରେ ହଜରତ ଉମର ର:ଅ ମଧ୍ୟ ଥିଲେ । ହଜରତ ଅବୁ ମୁସା ର:ଅ ବର୍ଣ୍ଣନା କରନ୍ତି ଯ ନବୀ କରିମ୍ ସ:ଆ:ସଙ୍କ ସହିତ ମଦିନାର ଗୋଟିଏ ବଗିଚାରେ ମୁଁ ଥିଲି । ଏହି ସମୟରେ ଜଣେ ବ୍ୟକ୍ତି ଆସି କବାଟ ଖୋଲିବାକୁ କହିଲେ । ନବୀ କରିମ୍ ସ:ଆ:ସ ତାଙ୍କ ପାଇଁ କବାଟ ଖୋଲିବାକୁ ନିର୍ଦ୍ଦେଶ ଦେଲେ ଓ କହିଲେ ତାଙ୍କୁ ବୈକୁଣ୍ଠର ସୁସମାଚାର ଦେଇଦିଅ । ମୁଁ କବାଟ ଖୋଲି ଦେଖିଲି ଯେ ସେ ଅବୁବକର ର:ଅ ଥିଲେ । ମୁଁ ସୁସମାଚାର ଦେଲି । ଏହା ଶୁଣି ସେ ଅଲ୍‌ହମ୍‌ଦୁଲିଲ୍ଲାଃ କହିଲେ ପୁଣି ଆଉ ଜଣେ ଆସିଲେ ସେ ମଧ୍ୟ କବାଟ ଖୋଲିବାକୁ ଅନୁମତି ମାଗିଲେ: ତାଙ୍କ ପାଇଁ ମଧ୍ୟ ଆଁ ହଜରତ ସ:ଆ:ସ ସେହି ନିର୍ଦ୍ଦେଶ ଦେଲେ ଯେ ବୈକୁଣ୍ଠର ସୁସମାଚାର ଦିଅ । ଏହି ସୁସମାଚାର ପାଇଁ ସେ ମଧ୍ୟ ଅଲ୍‌ହମ୍‌ଦୁଲିଲ୍ଲାଃ କହିଲେ । ସେହି ବ୍ୟକ୍ତି ଜଣକ ହଜରତ ଉମର ର:ଅ ଥିଲେ । ପୁଣି ଆଉ ଜଣେ ବ୍ୟକ୍ତି ଆସି କବାଟ ଖୋଲିବାକୁ ନିବେଦନ କଲେ: ତାଙ୍କ ପାଇଁ ମଧ୍ୟ ସେହି ନିର୍ଦ୍ଦେଶ ଥିଲା ଯେ ତାଙ୍କୁ ମଧ୍ୟ ବୈକୁଣ୍ଠର ସୁସମାଚାର ଦିଆଯାଉ କିନ୍ତୁ ତାଙ୍କୁ ଏକ ବିପତି ପହଂଚିବ । ଦେଖିଲା ବେଳକୁ ସେହି ବ୍ୟକ୍ତି ଥିଲେ ହଜରତ ଉସ୍‌ମାନ୍ ର:ଅ । ମୁଁ ତାଙ୍କୁ ବୈକୁଣ୍ଠର ସୁସମାଚାର ଦେଲି ଯାହା ମତେ ଆଁ ହଜରତ ସ:ଆ:ସ ନିର୍ଦ୍ଦେଶ ଦେଇଥିଲେ । ସେ ଏହି ସୁସମାଚାର ଶୁଣି ଅଲ୍‌ହମ୍‌ଦୁଲିଲ୍ଲାଃ କହିଲେ ପୁଣି କହିଲେ ବିପତିରୁ ସୁରକ୍ଷିତ ରହିବା ପାଇଁ ଅଲ୍ଲାଃଙ୍କଠାରୁ ସାହାଯ୍ୟ ଭିକ୍ଷା କରାଯାଇପାରେ ।

***(ସହି ବୁଖାରୀ..... ହଦିସ୍ ନଂ-୩୬୯୩)***

ହଜରତ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ବର୍ଣ୍ଣନା କରନ୍ତି; ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଯେଉଁ ଦଶଜଣ ବିଶିଷ୍ଟ ସାହାବିଙ୍କୁ ବୈକୁଣ୍ଠ ବାସୀ ହେବାର ସୁସମାଚାର ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରେ ହଜ୍‌ରତ୍ ଉମର୍ ର:ଅଙ୍କ ବ୍ୟତିତ, ହଜରତ ଅବୁବକର ର:ଅ, ହଜରତ ଉସ୍‌ମାନ୍ ର:ଅ, ହଜରତ ଅଲୀ ର:ଅ, ହଜରତ ତଲ୍‌ହା ର:. ହଜରତ ଜୁବୈର୍ ର:ଅ, ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ହଜରତ ସାଆଦ୍ ବିନ୍ ଅବି ୱକାସ ର:ଅ, ହଜରତ ସଇଦ୍ ବିନ୍ ଜୈଦ୍ ର:ଅ ଏବଂ ହଜରତ ଅବୁ ଉବୈଦାଃ ବିନ୍ ଜରାହ୍ ର:ଅ ଆଦି ସାମିଲ ଥିଲେ ।

***(ସୁନନେ ତିର୍‌ମିଜ୍...... ହଦିସ୍ ନଂ-୩୭୪୭)***

ହଜରତ ଅବୁ ମୁସା ବର୍ଣ୍ଣନା କରନ୍ତି ଏକଦା ମୁଁ ହଜୁର ସ:ଆ:ସଙ୍କ ସାଥିରେ ଗୋଟିଏ ବଗିଚାରେ ଉପସ୍ଥିତ ଥିଲି ଯେ ଏତିକି ବେଳେ ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅ ଆସି ପହଂଚିଲେ ସେଠାରେ ମୁଁ ହଜୁର ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ ତାଙ୍କୁ ବୈକୁଣ୍ଠର ସୁସମାଚାର ପ୍ରଦାନ କଲି । ଏଥିରେ ସେମାନେ ଅଲ୍‌ହମ୍‌ଦୁଲିଲ୍ଲାଃ କହିଲେ କିନ୍ତୁ ହଜରତ ଉସ୍‌ମାନ୍ ର:ଅଙ୍କ ପ୍ରସଙ୍ଗରେ ହଜୁର ସ:ଆ:ସ କହିଲେ, ତାଙ୍କୁ ଏକ ବଡ଼ ଅସୁବିଧା ପହଂଚିଥିବା ଯୋଗୁଁ ବୈକୁଣ୍ଠର ସୁସମାଚାର ପ୍ରଦାନ କରିଦିଅ । ଏଥିରେ ହଜରତ ଉସ୍‌ମାନ୍ ର:ଅ ଅଲହମ୍‌ଦୁଲିଲ୍ଲାଃ କହିଲେ, ପୁନଶ୍ଚ କହିଲେ ବିପତିରୁ ସୁରକ୍ଷିତ ରହିବା ପାଇଁ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରାଯାଇପାରେ ।

ହଜରତ ଅବୁ ହୁରୈରା ର:ଅ ବର୍ଣ୍ଣନା କରନ୍ତି ଏକଦା ଆମେ ନବୀ କରିମ୍ ସ:ଆ:ସଙ୍କ ନିକଟରେ ଥିଲୁ । ହଜୁର ସ:ଆ:ସ କହିଲେ, ଏକଦା ମୁଁ ଶୟନ କରୁଥିଲି ଯେ, ନିଜକୁ ସ୍ୱପ୍ନରେ ବୈକୁଣ୍ଠର ଏକ ମହଲ ନିକଟରେ ଦେଖିବାକୁ ପାଇଲି ସେଠାରେ ଦେଖିଲି ଯେ ଜଣେ ମହିଳା ଗୋଟିଏ ଅଟ୍ଟାଳିକା ନିକଟରେ ୱଜୁ କରୁଥିଲେ । ମୁଁ ତାଙ୍କୁ ପଚାରିଲି ଯେ ଏହି ମହଲାଟି କାହାର ? ଲୋକମାନେ କହିଲେ: ଉକ୍ତ ମହଲଟି ହଜ୍‌ରତ୍ ଉମର୍ ର:ଅଙ୍କର ଅଟେ । ତାହା ଜାଣିବା ପରେ ମୁଁ ସେଠାରୁ ଫେରି ଆସିଲି ଯେତେବେଳେ ଏକଥା ହଜ୍‌ରତ୍ ଉମର୍ ର:ଅ ଶୁଣିଲେ ସେତେବେଳେ ସେ ରୋଦନ କରିବା ଆରମ୍ଭ କଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! କ'ଣ ମୁଁ ଆପଣଙ୍କ ଉପରେ ଅଭିମାନ କରିପାରେ । ***(ସହି ବୁଖାରୀ... ହଦିସ୍-୩୨୪୨)*** ଆପଣ ସେଠାରୁ କାହିଁ ଚାଲି ଆସିଲେ, ସେଠାରେ ରହି ଆପଣ ଉକ୍ତ ସ୍ଥାନକୁ କଲ୍ୟାଣ ପ୍ରଦାନ କରିଥାନ୍ତେ ।

ହଜରତ ଅବୁ ସଇଦ ଖୁଦ୍‌ରୀ ର:ଅ ବର୍ଣ୍ଣନା କରନ୍ତି; ହଜୁର ସ:ଆ:ସ କହିଲେ ଇଲିୟିନ୍ ଅର୍ଥାତ ଉଚ୍ଚସ୍ଥାନରେ ବିରାଜମାନ ପବିତ୍ର ପୂଣ୍ୟାତ୍ମାମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଯଦି ବୈକୁଣ୍ଠକୁ ଝାଙ୍କିବ ତେବେ ତାଙ୍କ ଚେହେରା ଦ୍ୱାରା ବୈକୁଣ୍ଠ ଉଜ୍ଜ୍ୱଳମୟ ହୋଇଉଠିବ ଯେମିତି ଏକ ଉଜ୍ଜ୍ୱଳ ତାରା ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ସେହି ମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଓ ସେମାନେ କେଡ଼େ ଉତମ ଲୋକ । ***(ସୁନନେ ଅବୁ ଦାଉଦ୍.... ହଦିସ୍-୩୯୮୭)***

ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ କରିମ୍ ସ:ଆ:ସ କହିଲେ: ତୁମମାନଙ୍କ ନିକଟକୁ ବୈକୁଣ୍ଠବାସୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଆସୁଛନ୍ତି । ପୁଣି ହଜରତ ଅବୁବକର ର:ଅ ଆସିଲେ । ପୁଣି ମହାଭାଗ ସ:ଆ:ସ କହିଲେ ତୁମମାନଙ୍କ ନିକଟକୁ ବୈକୁଣ୍ଠବାସୀଙ୍କ ମଧ୍ୟରୁ ଜଣେ ଆସୁଛନ୍ତି । ଅତଏବ ହଜରତ ଉମର ର:ଅ ଆସି ପହଂଚିଲେ ।

***(ସୁନନେ ତିର୍‌ମିଜି.... ହଦିସ୍-୩୬୯୪)***

ସେହିଭଳି ଆଉ ଏକ ରିୱାୟତ୍‌ରେ ହଜରତ ଅନସ୍ ବିନ୍ ମାଲିକ ର:ଅ ବର୍ଣ୍ଣନା

କରନ୍ତି; ହଜୁର ସ:ଆ:ସ କହିଲେ ଅବତାର ଏବଂ ବାର୍ତାବହମାନଙ୍କୁ ବାଦ୍ ଦେଲେ ବୈକୁଣ୍ଠର ପ୍ରଥମରୁ ନେଇ ଶେଷ ପର୍ଯ୍ୟନ୍ତ ଥିବା ସମସ୍ତ ବୟସ୍କ ଲୋକମାନଙ୍କର ହଜରତ ଅବୁବକର ଓ ହଜ୍‌ରତ୍ ଉମର୍ ର:ଅ ହେଉଛନ୍ତି ସର୍‌ଦାର ଅଟନ୍ତି । ***(ସୁନନେ ତିର୍‌ମିଜି.... ହଦିସ୍-୩୬୬୪)***

ପୁଣି ହଜରତ ଅବୁ ହୁରୈରା ର:ଅ ବର୍ଣ୍ଣନା କରନ୍ତି; ହଜୁର ସ:ଆ:ସ କହିଲେ, ଉମର ବିନ୍ ଖତାବ୍ ର:ଅ ହେଉଛନ୍ତି ବୈକୁଣ୍ଠର ଉଜ୍ଜ୍ୱଳମୟ ଦ୍ୱିପ ।

***(ହୁଲିୟତୁଲ୍ ଅଓଲିୟାୟା..... ଖଣ୍ଡ-୬, ପୃ-୩୦୯ ରିୱାୟତ୍- ୮୯୫୦.....)***

ହଜରତ ଉକ୍‌ବା ବିନ୍ ଆମିର୍ ର:ଅ ବର୍ଣ୍ଣନା କରନ୍ତି; ହଜୁର ସ:ଆ:ସ କହିଲେ, ମୋ ଅନ୍ତେ ଯଦି କେହି ନବୀ ହୋଇଥାନ୍ତେ ତେବେ ନିଶ୍ଚିତ ରୂପେ ଉମର୍ ବିନ୍ ଖତାବ୍ ର:ଅ ହିଁ ହୋଇଥାନ୍ତେ । ***(ସୁନନେ ତିର୍‌ମିଜି.... ହଦିସ୍-୩୬୮୬)*** ଅର୍ଥାତ ଏହା ନିକଟ ପରର୍ବତୀ ନବୁଓ୍ୱତର ବିଷୟ ନଚେତ ଆଗମନକାରୀ ମସିହ ଓ ମେହେଦୀଙ୍କୁ ତ ସ୍ୱୟମ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ "ନବିଉଲ୍ଲା" କହିଛନ୍ତି ଅର୍ଥାତ ପ୍ରଭୁଙ୍କର ବାର୍ତାବହ ।

***(ସହି ମୁସ୍‌ଲିମ୍......୭୩୭୩)***

ହଜରତ ଆଇଶା ର:ଅ ଓ ହଜରତ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରନ୍ତି; ହଜୁର ସ:ଆ:ସ କହିଲେ, ମୋ ସମ୍ପ୍ରଦାୟର ଯଦି କେହି ମୋହଦିସ୍ ଅଛନ୍ତି ତେବେ ସେ ହଜ୍‌ରତ୍ ଉମର୍ ର:ଅ ଅଟନ୍ତି । ***(ସୁନନେ ତିର୍‌ମିଜି... ହଦିସ୍-୩୬୯୩)*** ମୋହଦିସ୍ ତାଙ୍କୁ କୁହନ୍ତି ଯାହାକୁ ଅତ୍ୟଧିକ ମାତ୍ରାରେ ଦୈବିବାଣୀ ଓ ଦିବ୍ୟ ସ୍ୱପ୍ନ ହୋଇଥାଏ । ପୁନଶ୍ଚ କହିଲେ, ତୁମମାନଙ୍କ ପୂର୍ବରୁ ବନି ଇସ୍ରାଇଲ୍‌ଙ୍କ ମଧ୍ୟରୁ ଏପରି ବ୍ୟକ୍ତି ଥିଲେ ଯାହାଙ୍କ ସହିତ ଅଲ୍ଲାଃ ତାଲା ବାର୍ତାଳାପ କରୁଥିଲେ ଏବଂ ସେମାନେ ନବୀ ନଥିଲେ । ଯଦି ମୋ ସମ୍ପ୍ରଦାୟରେ ସେହିପରି କେହି ଅଛନ୍ତି ତେବେ ସେ ଉମର୍ ବିନ୍ ଖତାବ୍ ର:ଅ ଅଟନ୍ତି ।

***(ସହି ବୁଖାରୀ କିତାବୁଲ୍ ଫଜାଇଲ୍..... ହଦିସ୍-୩୬୮୯)***

ହଜରତ ମସିହ ମଉଦ ଆ:ସ କୁହନ୍ତି ପରମେଶ୍ୱର ସର୍ବଦା ରୂପକ ଓ ଉପମାର ବ୍ୟବହାର କରିଥାନ୍ତି ଏବଂ ବିଶେଷତା ଓ ସାମର୍ଥ୍ୟାନୁଯାୟୀ ଜଣକର ନାମ ଅନ୍ୟ ଜଣକ ଉପରେ ପ୍ରତିପାଦିତ କରିଥାନ୍ତି । ଯିଏ ଇବ୍ରାହିମ୍‌ଙ୍କ ହୃଦୟ ପରି ହୃଦୟ ରଖିଛି ସେ ପ୍ରଭୁଙ୍କ ନିକଟରେ ମଧ ଇବ୍ରାହିମ୍‌ର ମାନ୍ୟତା ରଖିଛନ୍ତି ଏବଂ ଯିଏ ହଜରତ ଉମର ଫାରୁକଙ୍କ ସଦୃଶ ହୃଦୟ ରଖିଛି ସେ ପ୍ରଭୁଙ୍କ ନିକଟରେ ଉମର ଫାରୁକ୍ ଅଟନ୍ତି । କ'ଣ ତୁମେମାନେ ସେହି ହଦିସ୍‌ର ଅଧ୍ୟୟନ କରୁନାହଁ ଯେ ଯଦି ଏହି ଉମ୍ମତରେ ମଧ କିଏ ମୁହଦିସ୍ ଅଛନ୍ତି ତେବେ ସେ ହେଉଛନ୍ତି ଉମର୍ ବିନ୍ ଖତାବ୍ ଯାହାଙ୍କ ସହିତ ପ୍ରଭୁ ବାର୍ତାଳାପ କରିଥାନ୍ତି ।

ଏବେ କ'ଣ ସେହି ହଦିସ୍‌ର ଅର୍ଥ ଏମିତି ହେବ କି ମୁହଦିସ୍‌ର ପୁରସ୍କାର ହଜ୍‌ରତ୍ ଉମର୍ ର:ଅଙ୍କ ସତାରେ ଶେଷ ହୋଇଗଲା ? କଦାପି ନୁହେଁ ବରଂ ହଦିସ୍‌ର ଅର୍ଥ ଏହା ହେବ କି ଯେଉଁ ବ୍ୟକ୍ତିର ଆଧ୍ୟାତ୍ମିକ ଅବସ୍ଥା ହଜ୍‌ରତ୍ ଉମର୍ ର:ଅଙ୍କ ପରି ହୋଇଗଲା ସେ ଆବଶ୍ୟକ ସ୍ଥଳେ ମୁହଦିସ୍ ହେବ" ଅତଏବ ପୁଣି ହଜରତ ମସିହ ମଉଦ ଆ:ସ କହିଲେ ଏହି ବିନିତକୁ ମଧ ଏକ ଐଶିବାଣୀ ହୋଇଥିଲା ଯେ, **ଫିଇକା ମାଦ୍‌ଦତୁନ୍ ଫାରୁକିୟତନ୍"** (ଫତହ୍ ଇସ୍‌ଲାମ୍, ରୁହାନୀ ଖଜାଇନ୍ ଖଣ୍ଡ-୩, ପୃ-୧୧ ହାଶିୟା) ଅର୍ଥାତ ତୁମେ ଅଲ୍ଲାଃଙ୍କ ମୁହଦିସ୍ ଅଟ, ତୁମ ମଧ୍ୟରେ ଫାରୁକିୟ ଗୁଣ ରହିଛି । ***(ତଜ୍‌କରାଃ ପୃ-୮୨ ଏଡ଼ିଶନ୍ ଚତୁର୍ଥ)***

ଯେପରି କି ପୂର୍ବ ଖୁତ୍‌ବାରେ ମଧ ମୁଁ ଆଲୋଚନାକ କରିସାରିଛି । ହଜରତ ଅବୁବକର ର:ଅଙ୍କ ଖିଲାଫତ କାଳରେ ୟମାମା ଯୁଦ୍ଧରେ ଯେତେବେଳେ ୭୦ ଜଣ ହାଫିଜ୍ (ଅର୍ଥାତ ପବିତ୍ର କୁର୍‌ଆନ୍ କଣ୍ଠସ୍ଥ କରିଥିବା) ସାହାବା ଶହୀଦ ହୋଇଗଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ପବିତ୍ର କୁର୍‌ଆନ୍‌ର ଏକତ୍ରିକରଣ ଓ ସରଂକ୍ଷଣ କରିବାକୁ ହଜରତ ଅବୁବକର ର:ଅଙ୍କୁ ପରାମର୍ଶ ଦେଇଥିଲେ । ତେବେ ଏହି ପ୍ରସଙ୍ଗରେ ହଜରତ ଜୈଦ୍ ବିନ୍ ସାବିତ୍ ର:ଅ ବର୍ଣ୍ଣନା କରନ୍ତି; ଯେତେବେଳେ ୟମାମାରେ ସାହାବା ଶୀହଦ ହେଲେ ସେତେବେଳେ ହଜରତ ଅବୁବକର ର:ଅ ମତେ ଡ଼କାଇ ପଠାଇଲେ ମୁଁ ଆପଣଙ୍କ ସେବାରେ ଉପସ୍ଥିତ ହେଲି । ସେତେବେଳେ ହଜୁରଙ୍କ ନିକଟରେ ହଜ୍‌ରତ୍ ଉମର୍ ର:ଅ ମଧ ଉପସ୍ଥିତ ଥିଲେ । ହଜରତ ଅବୁବକର ର:ଅ କହିଲେ, ୟମାମାରେ ଅନେକ ହାଫିଜ୍ ଶହୀଦ ହୋଇଗଲେ ମୋର ଭୟ ଉତ୍ପନ୍ନ ହୋଇଛି ଯେ ଆସନ୍ତାରେ ମଧ ଏହିପରି ଯୁଦ୍ଧରେ କାରୀମାନଙ୍କ ସଂଖ୍ୟା ଶେଷ ହୋଇନଯାଉ ଅର୍ଥାତ କାରୀ ସାହାବିମାନେ ନୀହତ ହୋଇନ ଯାଆନ୍ତୁ । ଏଥିରେ ଉକ୍ତ କୁର୍‌ଆନ୍‌ର ଅନେକ ଅଂଶ ନଷ୍ଟ ନ ହୋଇଯାଉ । ସୁତରାଂ ତୁମେ କୋରାନ୍‌ର ଏକତ୍ରିକରଣ କାର୍ଯ୍ୟ ଆରମ୍ଭ କରିଦିଅ । ଏହି ପ୍ରସ୍ତାବ ହଜ୍‌ରତ୍ ଉମର୍ ର:ଅ ଆଗତ କଲେ । କିନ୍ତୁ ଏଥିରେ ହଜରତ ଅବୁବକର ର:ଅ ହଜରତ ଉମର ର:ଅଙ୍କୁ କହିଲେ ଯେ ମୁଁ ଏପରି ପଦକ୍ଷେପ କିପରି ଗ୍ରହଣ କରିବି ଯାହା ହଜୁର ସ:ଆ:ସ ସ୍ୱୟମ କରିନାହାନ୍ତି । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ, ନିଃସନ୍ଦେହ ରୂପେ ଆପଣଙ୍କର ଏପରି କାର୍ଯ୍ୟ ମଙ୍ଗଳପ୍ରଦ ସାବ୍ୟସ୍ତ ହେବ । ପୁଣି ହଜରତ ଅବୁବକର ର:ଅ କହିଲେ ଯେ, ହଜ୍‌ରତ୍ ଉମର୍ ର:ଅ ମତେ ବାରମ୍ବାର ଏଥିପ୍ରତି ଧ୍ୟାନ ଆକର୍ଷିତ କରିଥିଲେ ଏପରିକି ଅଲ୍ଲାଃ ତାଲା ମୋର ହୃଦୟ ଉନ୍ମୁକ୍ତ କରିଦେଲେ ଏବଂ ବର୍ତମାନ ମୁଁ ଏହି ବିଷୟକୁ ସଠିକ ମଣୁଛି, ଯେଉଁ ବିଷୟକୁ ହଜ୍‌ରତ୍ ଉମର୍ ର:ଅ ଉଚିତ ମଣିଛନ୍ତି । ବସ୍ତୁତଃ ଏହା ଉପରେ କାର୍ଯ୍ୟକାରି କରିବା ଆପଣ ଆରମ୍ଭ କରିଦିଅନ୍ତୁ ଅର୍ଥାତ ହଜରତ ଅବୁବକର ର:ଅ ହଜରତ ଜୈଦ୍ ବିନ୍ ସାବିତ୍ ର:ଅଙ୍କୁ ଏହି ଆଦେଶ ଦେଇଥିଲେ ଯେ, ବର୍ତମାନ କୋରାନ୍‌ର ଏକତ୍ରିକରଣ କରିବା ଆରମ୍ଭ କରିଦିଅ । ଏହି କାର୍ଯ୍ୟ ଆରମ୍ଭ କର । ଏପରି ହଜରତ ଜୈଦ୍ ବିନ୍ ସାବିତ୍ ର:ଅ ପବିତ୍ର କୁର୍‌ଆନ୍‌ର ଏକତ୍ରିକରଣ କରିବା ଆରମ୍ଭ କରିଥିଲେ । ***(ସହି ବୁଖାରୀ କିତାବୁଲ୍ ତଫ୍‌ସୀର୍...... ହଦିସ୍ ୪୬୭୯)***

ହଜୁର ଅନଓ୍ୱର ଅ:ବ:ଅ କହିଲେ:- ପୂର୍ବରୁ ମୁଁ ଏହାର ବିବରଣୀ ବର୍ଣ୍ଣନା କରିସାରିଛି । ହଜରତ ଉମର ର:ଅଙ୍କ ପବିତ୍ର କୁର୍‌ଆନ୍‌କୁ ସୁରକ୍ଷିତ ରଖିବା ସମ୍ବନ୍ଧରେ ଅର୍ଥାତ ସମ୍ପୁର୍ଣ୍ଣ ରୂପେ କଣ୍ଠସ୍ଥ କରିବା ସମ୍ବନ୍ଧରେ ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି ହଜରତ ଅବୁ ଉବୈଦାଃ ର:ଅ କହିଲେ, ହଜୁର ସ:ଆ:ସଙ୍କ ହିଜରତକାରୀ ସାହାବାମାନଙ୍କ ମଧ୍ୟରୁ ହଜରତ ଅବୁବକର ର:ଅ, ହଜ୍‌ରତ୍ ଉମର୍ ର:ଅ, ହଜରତ ଉସ୍‌ମାନ୍ ର:ଅ, ହଜରତ ଅଲୀ ର:ଅ, ହଜରତ ସାଆଦ୍ ର:ଅ, ହଜରତ ଇବ୍‌ନେ ମସ୍‌ଉଦ୍ ର:ଅ, ହଜରତ ହୁଜୈଫା ର:ଅ, ହଜରତ ସାଲିମ୍ ର:ଅ, ହଜରତ ଅବୁ ହୁରୈରାଃ ର:ଅ, ହଜରତ ଅବ୍‌ଦୁଲ୍ଲାଃ ବିନ୍ ସାଇବ୍ ର:ଅ, ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅ ଏବଂ ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ ର:ଅ ପବିତ୍ର କୁର୍‌ଆନ୍ କଣ୍ଠସ୍ଥ କରିଥିବାର ପ୍ରମାଣ ମିଳୁଅଛି ***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୪୨୯)*** (ଅର୍ଥାତ ଏହି ସାହାବାମାନେ ପବିତ୍ର କୁର୍‌ଆନ୍‌କୁ ସମ୍ପୁର୍ଣ୍ଣ ରୂପେ ମୁଖସ୍ତ କରିନେଇଥିଲେ) ।

ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଉପରେ କେତେକ ଓ୍ୱହି (ଅର୍ଥାତ ଐଶିବାଣୀ) ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ସମ୍ପର୍କ ଯୋଗୁଁ ହୋଇଥିଲା । ସିହା ସିତ୍‌ତାର ବର୍ଣ୍ଣନାନୁଯାୟୀ ହଜ୍‌ରତ୍ ଉମର୍ ର:ଅଙ୍କ ତିନିଗୋଟି ବିଷୟରେ ଐଶିବାଣୀର ସାଦୃଶ୍ୟତାର ଚର୍ଚ୍ଚା ମିଳୁଅଛି ଯଦିଚ ସିହାସିତାର ସେହି ବର୍ଣ୍ଣନାକୁ ଏକତ୍ର ଦେଖାଯାଏ ତେବେ ସେଗୁଡ଼ିକ ମୋଟ ସାତଗୋଟି ହୋଇଥାଏ । ତେବେ ସହୀବୁଖାରୀରେ ହଜ୍‌ରତ୍ ଉମର୍ ର:ଅଙ୍କ ବର୍ଣ୍ଣନା ଦରଜ ରହିଛି ଯେ, ତିନିଗୋଟି ବିଷୟରେ ମୋ ମତ ମୋ ପ୍ରଭୁଙ୍କ ଇଚ୍ଛା ଅନୁଯାୟୀ ସମାଗମ୍ ହୋଇଥିଲା । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ମୁକାମେ ଇବ୍ରାହିମ୍ ଅର୍ଥାତ ଇବ୍ରାହିମଙ୍କ ସ୍ଥାନକୁ ନମାଜ ସ୍ଥଳୀ କରିଦେବା ଏହି କଥା କହିବା ସଙ୍ଗେ ସଙ୍ଗେ ସେତେବେଳେ ଏହି ଆୟତ ଅବତୀର୍ଣ୍ଣ ହେଲା: **ଓ୍ୱତ୍‌ତଖିଜୁ ମିମ୍ ମକାମି ଇବ୍ରାହିମା ମୁସଲା** ଏବଂ ଦ୍ୱିତୀୟଟି ପର୍ଦ୍ଦା କରିବାର ନିର୍ଦ୍ଦେଶ ଥିଲା ଯାହାକି ମୋ ପ୍ରଭୁଙ୍କ ଇଚ୍ଛା ଅନୁଯାୟୀ ହୋଇଥିଲା ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ନିଜ ପତ୍ନୀମାନଙ୍କୁ ପରଦା କରିବାର ଆଦେଶ ଦିଅନ୍ତୁ କାରଣ ଅନେକ ସୁଜନ୍ନ ଓ ଦୁର୍ଜନ୍ନ ସ୍ୱଭାବୀ ଲୋକେ ସେମାନଙ୍କ ସହିତ କଥାଭାଷା ହୋଇଥାନ୍ତି ସୁତରାଂ ସେତେବେଳେ ପରଦାର ପଂକ୍ତି ଅବତୀର୍ଣ୍ଣ ହେଲା । ପୁନଶ୍ଚ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପବିତ୍ର ପତ୍ନୀମାନେ ଯେତେବେଳେ ନିଜ ସ୍ୱାଭିମାନ ରକ୍ଷା କରିବା ଖାତିର୍ ଆପଣଙ୍କଠାରୁ ଅଲଗା ହୋଇ ଏକତ୍ରିତ ହୋଇଗଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କୁ କହିଲେ ଅର୍ଥାତ ରସୁଲୁଲ୍ଲାଃ ସ:ଆ:ସଙ୍କ ସେହି ପତ୍ନୀମାନଙ୍କୁ, ଯେଉଁମାନଙ୍କ ମଧ୍ୟରେ ହଜରତ ଉମର ର:ଅଙ୍କ କନ୍ୟା ମଧ ଥିଲେ ଓ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସହଧର୍ମୀଣି ମଧ ଥିଲେ ହଜରତ ଉମର ର:ଅ ତାଙ୍କୁ କହିଲେ, ଯଦି ହଜୁର ସ:ଆ:ସ ତୁମକୁ ତଲାକ୍ ଦିଅନ୍ତି ତେବେ ମୋର ଆଶା ଯେ, ତାଙ୍କ ପ୍ରଭୁ ତୁମ ଠାରୁ ଉତମ ସାଥି ଅର୍ଥାତ ଉତମ ସହଧର୍ମିଣୀ ହଜୁର ସ:ଆ:ସଙ୍କୁ ପ୍ରଦାନ କରିଦେବେ । ଏଥିରେ ଏହି ପଂକ୍ତି ଅବତୀର୍ଣ୍ଣ ହେଲା: **ଅସା ରବ୍‌ବୁହୁ ଇନ୍ ତଲ୍ଲକକୁନ୍ନା ଅନ୍ ୟୁବ୍‌ଦିଲହୁ ଅଜଓ୍ୱାଜନ୍ ଖୈରମ୍ ମିନ୍‌କୁମ୍** ଅର୍ଥାତ ଏହା ଅଧିକ ନିକଟତର ଯେ ଯଦି ସେ ତୁମକୁ ତଲାକ୍ ଦେଇ ଦିଅନ୍ତି ତେବେ ସେହି ଦୟାମୟ ପ୍ରଭୁ ତୁମ ପ୍ରତିବଦଳରେ ତାଙ୍କୁ ଉତମ ସହଧର୍ମିଣୀ ପ୍ରଦାନ କରିଦେବେ ।

***(ସହି ବୁଖାରୀ...... ହଦିସ୍ ନଂ-୪୦୨)***

ସହି ମୁସ୍‌ଲିମ୍‌ରେ ଗୋଟିଏ ରିୱାୟତ ଅଛି ଯେ ହଜରତ ଉମର ର:ଅ ବର୍ଣ୍ଣନା କରିଛନ୍ତି ଯେ ହଜରତ ଉମର ର:ଅ କହିଲେ ଯେ ତିନୋଟି ଅବସରରେ ମୁଁ ମୋ ପାଳନକର୍ତାଙ୍କ ସହିତ ସହମତ ହୋଇଛି । ମୁକାମେ ଇବ୍ରାହିମ୍ ସମ୍ବନ୍ଧରେ, ପର୍ଦ୍ଧା ସମ୍ବନ୍ଧରେ ଏବଂ ବଦର୍ ଯୁଦ୍ଧର କଏଦୀମାନଙ୍କ ସମ୍ବନ୍ଧରେ । ***(ସହି ମୁସଲିମ୍...... ହଦିସ୍ ନଂ-୬୨୦୬)***

କିନ୍ତୁ ବଦରର କଏଦୀମାନଙ୍କ ପ୍ରସଙ୍ଗରେ ଏହି ବର୍ଣ୍ଣନା ଠିକ୍ ନୁହେଁ ଏବଂ ହଜରତ ମୁସ୍‌ଲେହ ମଉଦ ର:ଅ ଏ ପ୍ରସଙ୍ଗ ଉପରେ ବହୁତ ତର୍କ କରିଛନ୍ତି । ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ମଧ କିଛି ପ୍ରମାଣ ଉପସ୍ଥାପନ କରି ଲେଖିଛନ୍ତି ଏବଂ ଅନେକ ପୂରାତନ ବିଦ୍ୱାନ ଓ ଐତିହାସ୍‌ବିତ୍‌ମାନେ ମଧ୍ୟ ଏକଥା ଲେଖିଛନ୍ତି ଓ ପ୍ରମାଣିତ କରିଛନ୍ତି ଯେ, ବଦରର କଏଦୀମାନଙ୍କୁ ଦଣ୍ଡ ଦେବା କଥା ବର୍ଣ୍ଣନା ହୋଇଥିବା ରିୱାୟତ ଠିକ୍ ନୁହେଁ ଏବଂ ଏହି ବିଷୟ ମୁଁ ବିଗତ ଖୁତ୍‌ବାରେ ବେଶ୍ ବିସ୍ତାର ଭାବରେ ଆଲୋଚନା କରିସାରିଛି ।

ସହି ମୁସ୍‌ଲିମ୍‌ରେ ହଜରତ ଉମର ର:ଅଙ୍କ ମୁନାଫିକ୍ (ଅର୍ଥାତ କପଟୀ ମୁସଲମାନମାନଙ୍କ) ନମାଜ ଜନାଜାଃ ନ ପଢ଼ିବା ସମ୍ବନ୍ଧରେ ଐଶୀବାଣୀ ସହିତ ସହମତିତାର ଉଲ୍ଲେଖ ରହିଛି । ହଜରତ ଇବ୍‌ନେ ଉମର୍ ର:ଅ ବର୍ଣ୍ଣନା କରନ୍ତି ଯେତେବେଳେ ହଜରତ ଅବ୍‌ଦୁଲ୍ଲାଃ ବିନ୍ ଇବ୍‌ନେ ସୁଲୁଲ୍ ଦେହ ତ୍ୟାଗ କଲା ସେତେବେଳେ ତାହାର ପୁତ୍ର ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲା ଏବଂ ହଜୁର ସ:ଆ:ସଙ୍କୁ ନିବେଦନ କଲା ଯେ, ହଜୁର ନିଜର କମିଜ ଅର୍ଥାତ ଜାମା ତାଙ୍କୁ ପ୍ରଦାନ କରନ୍ତୁ ଯଦ୍ୱାରା ସେ ନିଜର ପିତାଙ୍କୁ ସେଥିରେ କଫନ ଦେବ । ଅତଏବ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ତାକୁ ନିଜର କମିଜ୍ ପ୍ରଦାନ କଲେ । ପୁଣି ସେ ନିବେଦନ କଲା ଯେ ହଜୁର ମୋ ବାପାଙ୍କ ଯନାଜାଃ ପଢ଼ାଇ ଦିଅନ୍ତୁ । ଏଥିରେ ହଜୁର ସ:ଆ:ସ ତା ପିତା ର ନମାଜ ଯନାଜାଃ ପଢ଼ାଇବା ପାଇଁ ବାହାରିଲେ ଏଥିରେ ହଜ୍‌ରତ୍ ଉମର୍ ର:ଅ ଛିଡ଼ା ହୋଇ ହଜୁର ସ:ଆ:ସଙ୍କ ବସ୍ତ୍ରକୁ ଧରିନେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ସେହି ବ୍ୟକ୍ତିର ନମାଜ ଯନାଜାଃ ପାଠ କରିବାକୁ ଯାଉଛନ୍ତି ଯେବେ କି ଅଲ୍ଲାଃ ଆପଣଙ୍କୁ ଏହା ବାରଣ କରିଛନ୍ତି ? ପ୍ରତ୍ୟୁତରରେ ହଜୁର ସ:ଆ:ସ କହିଲେ, ମତେ ସ୍ୱାଧିନତା ପ୍ରଦାନ କରାଯାଇଛି ଯେ ମୁଁ ତାଙ୍କର ନମାଜ ଯନାଜାଃ ପାଠ କରିପାରେ ଅବା ନ କରିପାରେ ଅର୍ଥାତ ପ୍ରଭୁ କହିଛନ୍ତି: **ଇସ୍‌ତଗ୍‌ଫିର୍ ଲହୁମ୍ ଅଓଲା ତସ୍‌ତଗ୍‌ଫିର୍ ଲହୁମ୍** ଅର୍ଥାତ:- ତୁ ସେମାନଙ୍କ ପାଇଁ କ୍ଷମା ପ୍ରାର୍ଥନା କର ଅବା ନ କର ପ୍ରଭୁ ତାଙ୍କୁ କେବେବି କ୍ଷମା କରିବେ ନାହିଁ । ଯଦି ତୁମେ ସେମାନଙ୍କ ପାଇଁ ୭୦ ଥର ମଧ କ୍ଷମା ପ୍ରାର୍ଥନା କର ତଥାପି ମୁଁ ସେମାନଙ୍କୁ କ୍ଷମା ଦେବିନାହିଁ । ଏଥିରେ ହଜୁର ସ:ଆ:ସ କହିଲେ

ଯଦି ମତେ ଜଣାଯାଏ ଯେ ୭୦ ଥରରୁ ଅଧିକ ଥର କ୍ଷମା ଜାଚନ କଲେ ପ୍ରଭୁ ତାଙ୍କୁ କ୍ଷମା କରିଦେବେ ତେବେ ନିଶ୍ଚିତ ଏପରି କରିବି ହଜରତ ଉମର ର:ଅ କହିଲେ ସେ (ଅର୍ଥାତ ଅବ୍‌ଦୁଲ୍ଲାଃ ବିନ୍ ଅବି ବିନ୍ ସଲୁଲ୍) ଜଣେ ମୁନାଫିକ୍ ଅଟେ । କିନ୍ତୁ ଏହ ସତ୍ୱେ ମଧ ହଜୁର ସ:ଆ:ସ ତାହାର ଯନାଜାଃ ପାଠ କଲେ । ସେତେବେଳେ ଐଶ୍ୱର୍ଯ୍ୟମୟ ପ୍ରଭୁ ଏହି ପଂକ୍ତି ଅବତୀର୍ଣ୍ଣ କଲେ: **ୱ୍ୱଲା ତୁସଲ୍ଲି ଅଲା ଅହଦିନ୍ ମିନ୍‌ହୁମ୍ ମାତା ଅବଦନ୍** ଅର୍ଥାତ ତୁ ସେହି କପଟବିଶ୍ୱାସୀଙ୍କର ଯନାଜାଃ ପାଠ କରନାହିଁ ଏବଂ ନା କଦାପି ସେମାନଙ୍କର କବର ନିକଟକୁ ଯାଇ ଦୁଆ ପାଇଁ ଛିଡ଼ା ହୁଅ ।

***(ସହି ମୁସ୍‌ଲିମ୍... ହଦିସ୍ ନଂ-୬୨୦୭)***

ହଜ୍‌ରତ୍ ଉମର୍ ର:ଅ ଦୁଆ କଲେ ହେ ପ୍ରଭୁ! ମଦ୍ୟପାନରୁ ନିବୃତ ରହିବା ପାଇଁ କୌଣସି ସାନ୍ତ୍ୱନା ମୂଳକ ଆଦେଶ ପ୍ରଦାନ କର ବା ଅବତୀର୍ଣ୍ଣ କର । ଏଥିରେ ଦୟାମୟ ପ୍ରଭୁ ସୁରଃ ବକ୍‌ରାର ଏହି ପଂକ୍ତି ଅବତୀର୍ଣ୍ଣ କଲେ: **ୟସ୍‌ଅଲୁନକା ଅନିଲ୍ ଖମ୍‌ରେ ୱ୍ୱଲ୍ ମଇସିରି** ଅର୍ଥାତ ସେମାନେ ତୁମକୁ ମଦ୍ୟପାନ ଓ ଜୁଆ ପ୍ରସଙ୍ଗରେ ପ୍ରଶ୍ନ କରୁଛନ୍ତି ତୁମେ କହିଦିଅ ଯେ ଏହି ଦୁଇଟି କାର୍ଯ୍ୟ ପାପଶକ୍ତ ସେଥିରେ ମଣିଷ ପାଇଁ ଉପକାର ଅପେକ୍ଷା ଅଧିକ କ୍ଷତି ନୀୟତ ରହିଛି ସେଥିରେ ମଣିଷର ଅତ୍ୟଧିକ କ୍ଷତି ସାଧିତ ହୋଇଥାଏ । ଯେତେବେଳେ ଏହି ପଂକ୍ତି ଅବତୀର୍ଣ୍ଣ ହେଲା ଓ ହଜ୍‌ରତ୍ ଉମର୍ ର:ଅଙ୍କୁ ପାଠ କରି ଶୁଣାଗଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ, ହେ ପ୍ରଭୁ! ଆମ ପାଇଁ ମଦ୍ୟପାନ ପ୍ରସଙ୍ଗରେ କୌଣସି ସ୍ୱଷ୍ଟ ନିର୍ଦ୍ଦେଶ ଅବତୀର୍ଣ୍ଣ କର । ଏଥିରେ ପ୍ରଭୁ ନିମ୍ନଲିଖିତ ସୁରଃ ନିସାର ଆୟତ **ଲା ତକ୍‌ରବୁସ୍ ସଲାତା ୱ୍ୱ ଅନ୍‌ତୁମ୍ ସୁକାରା** ଅବତୀର୍ଣ୍ଣ କଲେ ଅର୍ଥାତ ହେ ଲୋକମାନେ! ଯିଏ ବିଶ୍ୱାସ ସ୍ଥାପନ କରିଛ ତୁମେମାନେ ସେ ପର୍ଯ୍ୟନ୍ତ ନମାଜର ନିକଟକୁ ଯାଅନାହିଁ । ଯେ ପର୍ଯ୍ୟନ୍ତ ତୁମେ ଚେତନାରେ ନାହଁ ଅର୍ଥାତ ଯେ ପର୍ଯ୍ୟନ୍ତ ତୁମର ସମ୍ପୁର୍ଣ୍ଣ ସଂଜ୍ଞା ଓ ଚେତନା ଆସି ନାହିଁ ତୁମେମାନେ ସେ ପର୍ଯ୍ୟନ୍ତ ନମାଜ ନିକଟକୁ ଯାଅନାହିଁ । ଏପରି କି ତୁମେ ସେହି ଅବସ୍ଥାକୁ ଫେରି ଆସ ଯେତେବେଳେ ତୁମେ ଜାଣିପାରିବ ଯେ, ତୁମେ କଣ କହୁଅଛ । ସେଥିଅନ୍ତେ ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ ଉକ୍ତ ଆୟତ ପୂନଃ ପାଠ କରି ଶୁଣାଇଲେ । ହଜରତ ଉମର ର:ଅ ପୁନଶ୍ଚ କହିଲେ ହେ ପ୍ରଭୁ ଆମ ପାଇଁ ମଦ୍ୟପାନ ପ୍ରସଙ୍ଗରେ ଅଧିକ ସ୍ୱଷ୍ଟ ନିର୍ଦ୍ଦେଶ ଅବତୀର୍ଣ୍ଣ କରନ୍ତୁ । ଏଥିରେ ପରମେଶ୍ୱର ସୁରେଃ ମାଇଦାଃରେ ସ୍ୱଷ୍ଟ ଆଦେଶ ଅବତୀର୍ଣ୍ଣ କଲେ **ଇନ୍ନମା ୟୁରିଦୁଶ୍ ଶୈତାନୁ... ଫହଲ୍ ଅନ୍‌ତୁମ୍ ମୁନ୍‌ତହୁନ୍** (ମାଇଦାଃ:୯୨) ଅର୍ଥାତ:- ସଇତାନ ତୁମମାନଙ୍କ ମଧ୍ୟରେ ମାଦକ ଦ୍ରବ୍ୟ ଓ ଜୁଆ ମାଧ୍ୟମରେ କେବଳ ଶତ୍ରୁତା ଓ ଘୃଣା ସଂଚାର କରିବାପାଇଁ ଓ ତୁମମାନଙ୍କୁ ଅଲ୍ଲାଃଙ୍କ ସ୍ମରଣ ଓ ନମାଜରୁ ବିରତ କରିବାପାଇଁ ଇଛା କରେ: ଅତଏବ କ'ଣ ତୁମେମାନେ ଏଥିରୁ କ୍ଷାନ୍ତ ହେବ ନାହିଁ । ହଜରତ ଉମର ର:ଅ ପୁଣି ଆସିଲେ । ଯେତେବେଳେ ତାଙ୍କୁ ଏହି ଆୟତ ପଢ଼ି ଶୁଣାଇ ଦିଆଗଲା, ସେ କହିଲେ ଆମେ କ୍ଷାନ୍ତ ରହିଲୁ । ଆମ୍ଭେ କ୍ଷାନ୍ତ ରହିଲୁ । ***(ସୁନନେ ତିର୍‌ମିଜ୍, କିତାବୁ ତଫ୍‌ସୀରୁଲ୍ କୁର୍‌ଆନ୍........ ହଦିସ୍-୩୦୪୯)*** ସିହାସିତାର ସେହି ସାଦୃଶ୍ୟତା ବ୍ୟତିତ ଜୀବନ ଲେଖାଳିମାନେ ଆହୁରି ଅନେକ ଚର୍ଚ୍ଚା କରିଛନ୍ତି ଅତଏବ ଅଲମା ସିଓ୍ୱିତି ପାଖାପାଖି ୨୦ ଗୋଟି ସମାନତାର ଚର୍ଚ୍ଚା କରିଛନ୍ତି । ***(ତାରିଖୁଲ୍ ଖୋଲଫାଆ, ପୃ-୯୮.....ବେରୁତ ୧୯୯୯)***

ହଜରତ ମସିହ ମଉଦ ଆ:ସ କୁହନ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ଆସନ ସାହାବାମାନଙ୍କ ମଧ୍ୟରେ ଏଭଳି ଉଚ୍ଚତର ଥିଲା ଯେ କେତେକ ସ୍ଥଳେ ତାଙ୍କ ରାୟ ମୁତାବକ ପବିତ୍ର କୁର୍‌ଆନ୍‌ରେ ଐଶି ନିର୍ଦ୍ଦେଶ ଅବତୀର୍ଣ୍ଣ ହୋଇଯାଉଥିଲା ଓ ତାଙ୍କ ପ୍ରସଙ୍ଗରେ ଏହି ହଦିସ୍ ରହିଛି ଯେ ସଇତାନ ତାଙ୍କ ପ୍ରତିବିମ୍ବ ଦେଖିଲା ମାତ୍ରେ ପଳାୟନ କରୁଥିଲା । ଦ୍ୱିତୀୟ ହଦିସ୍ ଏହି କି ଯେ, ହଜୁର ସ:ଆ:ସ କହିଲେ: ଯଦି ମୋ ଅନ୍ତେ କେହି ନବୀ ହୋଇଥାନ୍ତେ ତେବେ ଉମର ବିନ୍ ଖତାବ୍ ର:ଅ ହୋଇଥାନ୍ତେ । ତୃତୀୟ ହଦିସ୍ ଏହି କି ଯେ, ପୂର୍ବବର୍ତୀ ସମ୍ପ୍ରଦାୟରେ ମୁହଦିସ୍ ହେଉଥିଲେ, ଯଦି ଏହି ମୁସଲମାନ ସମ୍ପ୍ରଦାୟରେ କେହି ମୁହଦିସ୍ ଥାଆନ୍ତି ତା'ହେଲେ ସେ ହେଉଛନ୍ତି ସେ ଉମର ବିନ୍ ଖତାବ୍ ର:ଅ"

***(ଅଜାଲା ଅଓହାମ୍ ଭାଗ-୧, ରୁହାନୀ ଖଜାଇନ୍ ଖଣ୍ଡ-୩, ପୃ-୨୧୯)***

ହଜ୍‌ରତ୍ ଉମର୍ ର:ଅ ଯୁଦ୍ଧ ରଣନୀତି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଉଥିଲେ ଓ ବେଶ୍ ଫଳପ୍ରଦକାରୀ ପ୍ରସ୍ତାବ ପ୍ରଦାନ କରୁଥିଲେ ଯାହାକୁ ହଜୁର ସ:ଆ:ସ ସ୍ୱୀକାର କରୁଥିଲେ । ହଜରତ ଅବୁ ହୁରୈରା ର:ଅ ଅବା ହଜରତ ଅବୁ ସଇଦ ର:ଅ ବର୍ଣ୍ଣନା କରନ୍ତି ତବୁକ୍ ଯୁଦ୍ଧ ସମୟରେ ଯେତେବେଳେ ଲୋକମାନେ ପ୍ରବଳ ଭୋକରେ ଆଉଟୁପାଉଟୁ ହେଉଥିଲେ ସେତେବେଳେ ଲୋକମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍! ଯଦି ଆପଣ ଆମକୁ ଅନୁମତି ପ୍ରଦାନ କରନ୍ତି ତା'ହେଲେ ଆମେ ଆମର ପାଣି ବୁହାଉଥିବା ଓଟଗୁଡ଼ିକୁ ମୁସଲମାନମାନଙ୍କ ସକାଶେ ଜେଭ କରିଦେବୁ । ତାହାର ମାଂସ ଓ ଚର୍ବିକୁ ଆମେ ଖାଦ୍ୟ ଭାବରେ ବ୍ୟବହାର କରିବୁ । ଏଥିରେ ହଜରତ ମୁହମ୍ମଦ ମୁସ୍ତଫ ସ:ଆ:ସ ଅନୁମତି ପ୍ରଦାନ କରିଦେଲେ କିନ୍ତୁ ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, ଯଦି ଆପଣ ଏପରି କରନ୍ତି ତେବେ ଆମ ବାହନ ଶେଷ ହୋଇଯିବେ ଏହା ପରିବର୍ତେ ଆପଣ ଲୋକମାନଙ୍କୁ କୁହନ୍ତୁ ଯାହା ନିକଟରେ ଯେଭଳି ଖାଦ୍ୟ ସାମଗ୍ରୀଗୁଡ଼ିକୁ ରହିଛି ତାହା ଆଣି ଏଠାରେ ଏକତ୍ରିତ କରିଦିଅନ୍ତୁ ଏବଂ ତା'ପରେ ଆପଣ ସେଥିରେ ବର୍‌କତ ପାଇଁ ଦୁଆ କରନ୍ତୁ ସମ୍ଭବତଃ ଦୟାମୟ ପ୍ରଭୁ ପରମେଶ୍ୱର ସେଥିରେ କଲ୍ୟାଣ ପ୍ରଦାନ କରିଦେବ । ହଜୁର ସ:ଆ:ସ କହିଲେ ହଁ ଏହା ଠିକ୍ କଥା । ବର୍ଣ୍ଣନାକାରୀ କୁହନ୍ତି ହଜୁର ସ:ଆ:ସ ଗୋଟିଏ ଚମଡ଼ା ନିର୍ମିତ ଖାଇବାର ଆସନ ମଗାଇଲେ ସେଥିଅନ୍ତେ ସମସ୍ତଙ୍କ ନିକଟରେ ଥିବା ଖାଦ୍ୟ ସାମଗ୍ରୀ ବରାଦ୍ କଲେ । ଏଥିରେ କେହି ମୁଠାଏ ମକ୍କା ଆଣି ରଖିଦେଲା ତ କିଏ ମୁଠାଏ ଖଜୁରୀ ଆଣି ରଖିଦେଲା ଆଉ କିଏ ରୋଟିର ଟୁକୁଡ଼ା ଆଣି ରଖିଦେଲା ଏପରି ଉକ୍ତ ଆସନରେ କିଛି ଖାଦ୍ୟ ସାମଗ୍ରୀ ଜମା ହୋଇଗଲା ସେଥିଅନ୍ତେ ହଜୁର ସ:ଆ:ସ ସେହି ଖାଦ୍ୟ ସାମଗ୍ରୀ ପାଇଁ ଦୁଆ କଲେ ତାହାପରେ କହିଲେ, ନିଜ ନିଜର ପାତ୍ରରେ ଖାଦ୍ୟ ଭରି ନିଅ । ଏହିପରି ସେନାର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ପାତ୍ରଗୁଡ଼ିକୁ ଭରିନେଲେ ଏବଂ ସଭିଏଁ ଖାଇ ତୃପ୍ତ ହୋଇଗଲେ ଓ ଶେଷରେ କିଛି ଖାଦ୍ୟ ମଧ ବଳି ପଡ଼ିଲା ଏଥିରେ ହଜୁର ସ:ଆ:ସ କହିଲେ, ମୁଁ ସାକ୍ଷ୍ୟ ଦେଉଛି ଯେ ଅଲ୍ଲାଃଙ୍କ ବ୍ୟତିତ କେହି ଉପାସ୍ୟ ନୁହନ୍ତି ଏବଂ ମୁଁ ତାଙ୍କର ବାର୍ତାବହ ଏବଂ ଯଦି କୌଣସି ବ୍ୟକ୍ତି ବିନା କୌଣସି ସନ୍ଦେହରେ ଏହି ଦୁଇଟି ଉକ୍ତିକୁ ସ୍ୱୀକାର କରି ମୃତ୍ୟୁ ଲଭିଭ ଅର୍ଥାତ ପରମେଶ୍ୱରଙ୍କୁ ସାକ୍ଷାତ କରିବ ସେ ବୈକୁଣ୍ଠ ଗାମୀ ହେବ ଏହା ମୁସ୍‌ଲିମ୍ର ବର୍ଣ୍ଣନା ଅଟେ । ***(ସହି ମୁସ୍‌ଲିମ୍.....ହଦିସ୍: ୧୩୯)***

ଏହି ପ୍ରସଙ୍ଗଟି ବୁଖାରୀରେ ଏପରି ଦରଜ ରହିଛି ୟଜିଦ୍ ବିନ୍ ଅବୁ ଉବୈଦା ର:ଅ ହଜରତ ସଲ୍‌ମା ବିନ୍ ଅକୁଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ସେ କହିଲେ ଏକଦା ଗୋଟିଏ ଯାତ୍ରାରେ ଲୋକମାନଙ୍କ ନିକଟରେ ଖାଦ୍ୟ ସାମଗ୍ରୀର ଅଭାବ ପଡ଼ିଲା ଏପରି କି ଖାଇବାକୁ କିଛିବି ନଥିଲା ତେଣୁ ଲୋକମାନେ ନିଜ ନିଜର ଓଟକୁ ଜେଭ କରିବା ପାଇଁ ହଜୁର ସ:ଆ:ସଙ୍କଠାରୁ ଅନୁମତି ଲୋଡ଼ିଲେ ଏଥିରେ ହଜୁର ସ:ଆ:ସ ଅନୁମତି ପ୍ରଦାନ କରିଦେଲେ କିନ୍ତୁ ହଜ୍‌ରତ୍ ଉମର୍ ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ! ଯଦି ଆପଣ ଏଭଳି ଅନୁମତି ପ୍ରଦାନ କରିଦିଅନ୍ତି ତେବେ ଆମ ବାହନଗୁଡ଼ିକ ଶେଷ ହୋଇଯିବେ ଏହା ପରିବର୍ତେ ସେମାନଙ୍କଠାରୁ ଖାଦ୍ୟ ସାମଗ୍ରୀର ବରାଦ୍ କରନ୍ତୁ ଏବଂ ତାହା ଉପରେ ଅର୍ଥାତ ସେଥିପାଇଁ ଦୁଆ କରନ୍ତୁ । ଅତଏବ ହଜୁର ସ:ଆ:ସ ସେହିପରି କଲେ ଏବଂ ଦୟାଳୁ ପ୍ରଭୁ ସେଥିରେ ବର୍‌କତ୍ ପ୍ରଦାନ କରିଦେଲେ । ଏପରି ସେନାର ପ୍ରତ୍ୟେକ ବ୍ୟକ୍ତି ସେଠାରୁ ନିଜ ନିଜର ପାତ୍ରରେ ଖାଦ୍ୟ ଭରିନେଲେ ଏବଂ ଖାଦ୍ୟ ଖାଇ ସମସ୍ତେ ତୃପ୍ତ ହୋଇଗଲେ ଏଥିରେ ହଜୁର ସ:ଆ:ସ କହିଲେ, ମୁଁ ସାକ୍ଷ୍ୟ ଦେଉଛି ଯେ, ଅଲ୍ଲାଃଙ୍କ ବ୍ୟତିତ କେହି ଉପାସ୍ୟ ନୁହନ୍ତି ଏବଂ ମୁଁ ହେଉଛି ତାଙ୍କର ବାର୍ତାବହ । ***(ସହି ବୁଖାରୀ... ହଦିସ୍ ୨୯୮୨)***

ଆଜାନ୍‌ର ପ୍ରାରମ୍ଭ ହେବା ସମ୍ବନ୍ଧରେ ମଧ ହଜରତ ଉମର ର:ଅ ଏକ ସ୍ୱପ୍ନ ଦେଖିଥିଲେ । ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି ଅଲ୍ଲାଃ ତାଲାଙ୍କ ଐଶିବାଣୀ ସାହାବାମାନଙ୍କ ଉପରେ ଅବତୀର୍ଣ୍ଣ ହେଉଥିଲା । ରସୁଲୁଲ୍ଲାଃ ସ:ଆ:ସଙ୍କ ଯୁଗରେ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ନାମକ ଜଣେ ସାହାବି ଥିଲେ । ଅଲ୍ଲାଃ ତାଲା ହଜରତ ଉବୈଦୁଲ୍ଲାଃ ବିନ୍ ଜୈଦ୍ ର:ଅଙ୍କୁ ଅଜାନ୍‌ର ବାକ୍ୟଗୁଡ଼ିକୁ ସ୍ୱପ୍ନାଦେଶ ମାଧ୍ୟମରେ ଶିଖାଇଲେ ଏବଂ ରସୁଲେ କରିମ୍ ସ:ଆ:ସ ତାଙ୍କ ଐଶିବାଣୀକୁ ଆଧାର କରି ଆଜାନ୍ ଦେବା ପାଇଁ ମୁସଲମାନମାନଙ୍କୁ ଆଦେଶ ଦେଇଥିଲେ । ପରେ ପବିତ୍ର କୁର୍‌ଆନ୍‌ର ଐଶିବାଣୀ ମଧ ତାହାକୁ ସମର୍ଥନ କରିଥିଲା । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ମତେ ମଧ ପରମେଶ୍ୱର ସେହି ଆଜାନ୍ ଶିଖାଇଥିଲେ କିନ୍ତୁ ୨୦ ଦିନ ପର୍ଯ୍ୟନ୍ତ ମୁଁ ଏହି ଚିନ୍ତାରେ ନୀରବ ରହିଲି କି ଅନ୍ୟ କେହି ବ୍ୟକ୍ତି ହଜୁର ସ:ଆ:ସଙ୍କୁ ତାହା କହି ଦେଲେଣି ତେଣୁ ମୋର ଆଉ କହିବାର ଆବଶ୍ୟକତା ନାହିଁ ଗୋଟିଏ ରିଓ୍ୱାୟତ୍‌ରେ ଏହା ମଧ ଆସିଛି ଯେ ହଜରତ ଉମର ର:ଅ କହିଲେ:- ଜଣେ ଫରିସ୍ତା ଆସି ମତେ ଏହି ଆଜାନ୍ ଶୁଣାଇଲେ ଓ ମୁଁ ସେତେବେଳେ ସମ୍ପୁର୍ଣ୍ଣ ଶୋଇନଥିଲି, କିଛିଟା ଜାଗ୍ରତ ଅବସ୍ଥାରେ ଥିଲି" ।

***(ମସ୍‌ଅଲାଏ ୱ୍ୱହିଓ୍ୱ ନବୁଓ୍ୱତ୍ କେ ମୁତାଲିକ୍ ଇସ୍‌ଲାମୀ ନଜ୍‌ରିୟା.....ପୃ-୨୮୨)***

ସୁନନେ ତିର୍‌ମିଜ୍‌ର ଆଲେଖ୍ୟ ଅନୁଯାୟୀ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ହଜୁର ସ:ଆ:ସଙ୍କୁ ନିଜ ସ୍ୱପ୍ନ ଶୁଣାଇଲେ ସେତେବେଳେ ଏହି କଥା ଅଧିକ ଅକାଟ୍ୟ ହୋଇଗଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଜଣେ ଦେବଦୂତ ଆସି ମତେ ଅଜାନ୍ ଶିଖାଇଲେ ଏବଂ ସେତେବେଳେ ମୁଁ ଅର୍ଦ୍ଧନିଦ୍ରା ଅବସ୍ଥାରେ ଥିଲି ବରଂ ଜାଗ୍ରତ ଅବସ୍ଥାରେ ଥିଲି ।

ସୁନନେ ତିର୍‌ମିଜ୍‌ର ବର୍ଣ୍ଣନା ରହିଛି ଯାହାକି ମୁଁ ଆଗରୁ ଚର୍ଚ୍ଚା କରି ଆସିଛି ଏଠାରେ ମଧ ପୂନଃ ଆଲୋଚନା କରିଦେଉଛି । ହଜୁର ସ:ଆ:ସଙ୍କ ନିକଟରେ ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱପ୍ନର ବିଶେଷ ଗୁରୁତ୍ୱ ଥିଲା । ମୁହମ୍ମଦ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ଆମେ ପ୍ରାତଃ ସମୟରେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲୁଁ ଏବଂ ମୁଁ ଦେଖିଥିବା ନିଜ ସ୍ୱପ୍ନ ଶୁଣାଇଲି । ଆପଣ ସ:ଆ:ସ କହିଲେ, ନିଶ୍ଚିତ ରୂପେ ସେହି ସ୍ୱପ୍ନ ସତ୍ୟ ଅଟେ । ତୁମେ ବିଲାଲ୍ ର:ଅଙ୍କୁ ସାଥିରେ ନେଇ ଯାଅ କାରଣ ତାଙ୍କ ଆବାଜ୍ ଅର୍ଥାତ ସ୍ୱର ତୁମଠାରୁ ଉଚ୍ଚ ଓ ଅଧିକ ଅଟେ । ତୁମେ ତାଙ୍କୁ ଆଜାନ୍‌ର ସେହି ବାକ୍ୟଗୁଡ଼ିକୁ କହିଚାଲ ଯାହାକି ତୁମକୁ ଶିଖା ଯାଇଛି । ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ କୁହନ୍ତି ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ବିଲାଲ୍‌ଙ୍କ ଅଜାନ୍‌ର ଶବ୍ଦ ଶୁଣିଲେ ସେତେବେଳେ ଆପଣ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ! ସେହି ପରମେଶ୍ୱରଙ୍କ ରାଣ ଯିଏ ଆପଣଙ୍କୁ ସତ୍‌ଧର୍ମ ସହିତ ପ୍ରେରଣ କରିଛନ୍ତି ମୁଁ ମଧ ସ୍ୱପ୍ନରେ ଏହି ଅଜାନ୍‌ର ବାକ୍ୟଗୁଡ଼ିକୁ ଦେଖିଥିଲି । ଏଥିରେ ହଜୁର ସ:ଆ:ସ କହିଲେ, ସକଳ ପ୍ରଶଂସା ସେହି ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ । ***(ସୁନନେ ତିର୍‌ମିଜ୍, କିତାବୁସ୍ ସଲାତ୍... ହଦିସ୍-୧୮୯)*** ଏହି କଥା ଅଧିକ ଦୃଢ଼ିଭୂତ ହୋଇଗଲା (ଅର୍ଥାତ ହଜରତ ଉମର ର:ଅଙ୍କ ସାକ୍ଷ୍ୟ ଏହାକୁ ଅଧିକ ପ୍ରମାଣିତ କରିଦେଲା) ।

ହଜରତ ଉମର ର:ଅ ହଜୁର ସ:ଆ:ସଙ୍କ ସମ୍ମାନ ଓ ମର୍ଯ୍ୟାଦା କିଭଳି ପ୍ରଦର୍ଶନ କରୁଥିଲେ ଏହି ପ୍ରସଙ୍ଗରେ ହଜରତ ଇବ୍‌ନେ ଉମର ର:ଅ ଅର୍ଥାତ ହଜ୍‌ରତ୍ ଉମର୍ ର:ଅଙ୍କ ପୁତ୍ର କୁହନ୍ତି ଏକଦା ହଜୁର ସ:ଆ:ସଙ୍କ ସାଥିରେ ସେ ଅର୍ଥାତ ଇବ୍‌ନେ ଉମର ର:ଅ ଯାତ୍ରା କରୁଥିଲେ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କର ଗୋଟିଏ ଓଟ ଉପରେ ସେ ଆରୋହଣ କରିଥିଲେ । ଇବ୍‌ନେ ଉମର ର:ଅଙ୍କ ଓଟ ହଜୁର ସ:ଆ:ସଙ୍କ ଓଟ ଠାରୁ ଆଗକୁ ବଢ଼ିଯାଉଥିଲା ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ, ହଜୁର ସ:ଆ:ସଙ୍କଠାରୁ କାହାରିକୁ ଆଗକୁ ବଢ଼ିଯିବା ଉଚିତ ନୁହେଁ । ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ ମତେ ସେହି ଓଟ ଟିକୁ ବିକ୍ରି କରିଦିଅ । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଏହା ତ ଆପଣଙ୍କର, ଆପଣ ଏହାକୁ ଯେତେବେଳେ ଚାହିଁବେ ନେଇ ପାରନ୍ତି ।

ସେଥିଅନ୍ତେ ଆପଣ ସ:ଆ:ସ ତାହାକୁ କ୍ରୟ କରିନେଲେ ଏବଂ ସେଥିଅନ୍ତେ କହିଲେ ହେ ଅବ୍‌ଦୁଲ୍ଲାଃ ! ବର୍ତମାନ ଏହା ତୁମର ଅର୍ଥାତ ହଜୁର ସ:ଆ:ସ ସେହି ଓଟଟିକୁ ଉପହାର ସ୍ୱରୁପ ଅବ୍‌ଦୁଲ୍ଲାଃଙ୍କୁ ପ୍ରଦାନ କରିଦେଲେ ଏବଂ କହିଲେ ଯେ ଏହି ଓଟ ଜରିଆରେ ବର୍ତମାନ ତୁମର ଯାହା ଇଚ୍ଛା ତାହା କରିପାର ଏହି ଓଟ ସହିତ (ଅର୍ଥାତ ଏହି ଓଟଠାରୁ ଯେ କୌଣସି କାମ ନେଇପାର) ।

***(ସହି ବୁଖାରୀ...... ହଦିସ୍-୨୬୧୦)***

ହଜରତ ଅନସ୍ ବିନ୍ ମାଲିକ ବର୍ଣ୍ଣନା କରନ୍ତି ଯେତେବେଳେ ସୂର୍ଯ୍ୟ ଢ଼ଳି ଗଲା ସେତେବେଳେ ହଜୁର ସ:ଆ:ସ ଙ୍କର ଆଗମନ ହେଲା ଏବଂ ନମାଜ ଜୋହର୍ ପାଠ କଲେ । ସେଥିଅନ୍ତେ ଆପଣ ସ:ଆ:ସ ମଂଚ ଉପରେ ଛିଡ଼ା ହେଲେ ଏବଂ ଆସନ୍ତା ପ୍ରତିଶୃତ ସମୟ ବିଷୟରେ କହିଲେ ଯେ ବଡ଼ ବଡ଼ ଘଟଣା ଘଟିବ ସେଥିଅନ୍ତେ କହିଲେ ଯଦି କିଏ କୌଣସି ବିଷୟରେ କିଛି ପଚାରିବାକୁ ଚାହୁଁଛନ୍ତି ପଚାରିପାରନ୍ତି ଓ ମୁଁ ତାହାର ଉତର ଦେବି । ହଜୁର ସ:ଆ:ସ ଏହି କଥା ବାରମ୍ବାର ପୂନରାବୃତି କଲେ ଏଥିରେ ହଜରତ ଅବ୍‌ଦୁଲ୍ଲାଃ ବିନ୍ ହୁଜୈଫା ସହ୍‌ମି ର:ଅ ଉଠି ପଚାରିଲେ, ହଜୁର ମୋର ପିତା କିଏ ? ହଜୁର ସ:ଆ:ସ କହିଲେ, ହୁଜୈଫା ହେଉଛି ତୁମର ବାପା । ସେଥିଅନ୍ତେ ହଜୁର ସ:ଆ:ସ ଏହି କଥା ବାରମ୍ବାର ପୂନରାବୃତି କଲେ । ଅର୍ଥାତ କହିଲେ ମତେ ପ୍ରଶ୍ନ କର ମୁଁ ତାହାର ଉତର ଦେବି । ଏଥିରେ ହଜ୍‌ରତ୍ ଉମର୍ ର:ଅ ନିଜ ଆଣ୍ଠୁ ଉପରେ ଛିଡ଼ା ହୋଇ କହିଲେ. **ରଜିନା ବିଲ୍ଲାହି ରବ୍‌ବନ୍ ଓ୍ୱ ବିଲ୍ ଇସ୍‌ଲାମି ଦୀନା ଓ୍ୱ ବିମୁହମ୍ମଦିନ୍ ନବୀୟିନ୍** ଅର୍ଥାତ ଆମେମାନେ ଏଥିରେ ରାଜି ଅର୍ଥାତ ସନ୍ତୁଷ୍ଟ ଯେ ଅଲ୍ଲାଃ ଆମର ପାଳନକର୍ତା, ଇସ୍‌ଲାମ୍ ଆମର ଧର୍ମ ଏବଂ ମୁହମ୍ମଦ ମୁସ୍ତଫା ସ:ଆ:ସ ହେଉଛନ୍ତି ଆମମାନଙ୍କର ନବୀ । ଏଥିରେ ହଜୁର ସ:ଆ:ସ ନୀରବ ହୋଇଗଲେ । ପୁନଶ୍ଚ ହଜୁର ସ:ଆ:ସ କହିଲେ, ବୈକୁଣ୍ଠ ଏବଂ ନର୍କ ବର୍ତମାନ ଏହି କାନ୍ଥରେ ପ୍ରଶସ୍ଥ ଆକାରର ମୋ ସମ୍ମୁଖରେ ଉପସ୍ଥାପନ କରାଗଲା । ମୁଁ ପୂର୍ବରୁ ଏଭଳି ଭଲ ଓ ମନ୍ଦ କଦାପି ଦେଖିନଥିଲି ।

***(ସହି ବୁଖାରୀ...... ହଦିସ୍-୫୪୦)***

ବୁଖାରୀରେ ଏକ ବର୍ଣ୍ଣନାରେ ଏଭଳି ବର୍ଣ୍ଣନା ରହିଛି ଯେ, ହଜରତ ଅବୁ ମୁସା କୁହନ୍ତି ହଜୁର ସ:ଆ:ସଙ୍କୁ କେତେକ ବିଷୟରେ ପ୍ରଶ୍ନ କରାଗଲା, ଯାହାକୁ ଆପଣ ନାପସନ୍ଦ କଲେ ଯେତେବେଳେ ଆପଣଙ୍କୁ ଅନେକ ପ୍ରଶ୍ନ କରାଗଲା ସେତେବେଳେ ଆପଣ କ୍ରୋଧିତ ହେଲେ ସେଥିଅନ୍ତେ ଆପଣ ସ:ଆ:ସ କହିଲେ, ଏଥର ଯାହା ପଚାରିବାକୁ ଚାହୁଁଛ ପଚାର । ସେତେବେଳେ ଜଣେ ବ୍ୟକ୍ତି ଛିଡ଼ା ହୋଇଗଲା ଏବଂ କହିଲା ହଜୁର ମୋ ପିତା କିଏ ? ହଜୁର ସ:ଆ:ସ କହିଲେ, ହୁଜୈଫା । ସେଥିଅନ୍ତେ ଆଉ ଜଣେ ବ୍ୟକ୍ତି ଛିଡ଼ା ହୋଇ ସମାନ କଥା ପଚାରିଲା: ହଜୁର ସ:ଆ:ସ ଉତର ଦେଲେ ତୁମ ପିତା ସୈବାର ସ୍ୱାଧିନ ପ୍ରାପ୍ତ ଦାସ ସାଲିମ୍ । ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଏହି ପରିବର୍ତନକୁ ଲକ୍ଷ୍ୟ କଲେ ଯାହାକି ଆପଣଙ୍କ ପବିତ୍ର ମୂଖ ମଣ୍ଡଳରେ ଦୃଶ୍ୟମାନ ହେଉଥିଲା, ସେତେବେଳେ ସେ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ପ୍ରଭୁଙ୍କ ଶରଣେ ନିଜ ଦୋଷତ୍ରୁଟିର ସ୍ୱୀକାର କରୁଛୁ ।

***(ସହି ବୁଖାରୀ...... ହଦିସ୍-୯୨)***

ବୁଖାରୀର ଅନ୍ୟ ଏକ ବର୍ଣ୍ଣନାରେ ଦରଜ ରହିଛି, ଜହରି ବର୍ଣ୍ଣନା କରନ୍ତି: ହଜରତ ଅନସ୍ ବିନ୍ ମାଲିକ ମତେ କହିଲେ: ହଜୁର ସ:ଆ:ସ ପଦାକୁ ବାହାରିବା ଦେଖି ହଜରତ ଅବ୍‌ଦୁଲ୍ଲାଃ ବିନ୍ ହୁଜୈଫା ର:ଅ ହଜୁର ସ:ଆ:ସଙ୍କୁ ପଚାରିଲେ ମୋ ପିତା କିଏ ? ହଜୁର ସ:ଆ:ସ କହିଲେ ତୁମର ବାପା ହେଉଛନ୍ତି ହୁଜୈଫା ସେଥିଅନ୍ତେ ଆପଣ ବାରମ୍ବାର କହୁଥିଲେ ପଚାର ଯାହା ମତେ ପଚାରିବାକୁ ଚାହୁଁଛ ପଚାର । ଏଥିରେ ହଜ୍‌ରତ୍ ଉମର୍ ର:ଅ ଆଣ୍ଠୁମାଡ଼ି ବସି ପଡ଼ିଲେ ଓ କହିଲେ ଆମେମାନେ ଏଥିରେ ରାଜି ଯେ ଅଲ୍ଲାଃ ଆମର ପାଳନକର୍ତା, ଇସ୍‌ଲାମ୍ ଆମର ଧର୍ମ ଏବଂ ମୁହମ୍ମଦ ମୁସ୍ତଫା ସ:ଆ:ସ ହେଉଛନ୍ତି ଆମମାନଙ୍କର ନବୀ ଏହା ଶୁଣି ମହାଭାଗ ସ:ଆ:ସ ନୀରବ ହୋଇଗଲେ ।

***(ସହି ବୁଖାରୀ..... କିତାବୁଲ୍ ଇଲମ୍...... ହଦିସ୍-୯୩)***

ହଜରତ ଅବୁ କତାଦା ଅନ୍‌ସାରୀ ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସଙ୍କୁ ତାଙ୍କ ରୋଜା ରଖିବା ପ୍ରସଙ୍ଗରେ ପ୍ରଶ୍ନ କରାଗଲା । ଏଥିରେ ହଜୁର ସ:ଆ:ସ ଅପ୍ରସନ୍ନତା ଓ ଅତିଷ୍ଟ ଭାବ ପ୍ରକାଶ କଲେ ତେଣୁ ହଜ୍‌ରତ୍ ଉମର୍ ର:ଅ କହିଲେ, ଆମେମାନେ ଏଥିରେ ରାଜି ଯେ ଅଲ୍ଲାଃ ହେଉଛନ୍ତି ଆମର ପାଳନକର୍ତା, ଇସ୍‌ଲାମ୍ ହେଉଛି ଆମର ଧର୍ମ ଏବଂ ମୁହମ୍ମଦ ମୁସ୍ତଫା ସ:ଆ:ସ ହେଉଛନ୍ତି ଆମମାନଙ୍କର ନବୀ ଏବଂ ଆମେ ଆପଣଙ୍କ ବାସ୍ତବିକ ବୈୟତରେ ଅତି ପ୍ରସନ୍ନ ଓ ସନ୍ତୁଷ୍ଟ ।

***(ସହି ମୁସ୍‌ଲିମ୍ କିତାବୁସ୍ ସିୟାମ୍.... ହଦିସ୍-୨୭୪୭)***

ବୁଖାରୀର ଅନ୍ୟ ଏକ ବର୍ଣ୍ଣନାରେ ଦରଜ ରହିଛି ଯେ ଏକଦା ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ନିକଟକୁ ଆସିଲେ ସେତେବେଳେ ହଜୁର ସ:ଆ:ସ ଉପର ମହଲାରେ ଅବସ୍ଥାନ କରୁଥିଲେ । ହଜରତ ଉମର ର:ଅ କହୁଛନ୍ତି ଯେ ମୁଁ ମହାଭାଗ ସ:ଆ:ସଙ୍କ ନିକଟକୁ ଗଲି ଆପଣ ଗୋଟିଏ ଚଟେଇ ଉପରେ ବିଶ୍ରାମ କରୁଥିଲେ ଯଦ୍ୱାରା ଚଟେଇର ଚିହ୍ନ ଆପଣଙ୍କ ଶରୀରରେ ପଡ଼ିଯାଇଥିଲା ଏବଂ ଗୋଟିଏ ଚମଡ଼ାର ତକିଆ ଥିଲା ଯେଉଁଥିରେ ଖଜୁରୀର ଖୋଳପା ଭରି ରହିଥିଲା ଓ ତାହା ଉପରେ ଆପଣ ସ:ଆ:ସ ଆଉଜି ବସିଥିଲେ । ମୁଁ ହଜୁର ସ:ଆ:ସଙ୍କ ଘର ଚାରିପଟକୁ ଆଖି ବୁଲାଇ ଦେଖିଲି ପ୍ରଭୁଙ୍କ ରାଣ ସେଠାରେ ତିନୋଟି କଂଚା ଚମଡ଼ା ବ୍ୟତିତ ଅନ୍ୟ କିଛି ନଥିଲା । ମୁଁ ହଜୁର ସ:ଆ:ସଙ୍କୁ କହିଲି ଅଲ୍ଲାଃଙ୍କ ନିକଟରେ ଦୁଆ କରନ୍ତୁ ଯେ, ଆପଣଙ୍କ ସମ୍ପ୍ରଦାୟକୁ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ କାରଣ ଫରାସି ଓ ରୋମ୍‌କୁ ତ ଅଜସ୍ର ଧନସମ୍ପତି ଓ ସଂସାରର ସମସ୍ତ ସୁଖ ସ୍ୱଚ୍ଛନ୍ଦ ମିଳିଛି ଯେବେ କି ସେମାନେ ପରମେଶ୍ୱରଙ୍କ ଉପାସନା ମଧ କରୁନାହାନ୍ତି । ସେତେବେଳେ ଆପଣ ସ:ଆ:ସ ତକିଆ ଲଗାଇ ଆଉଜି ବସିଥିଲେ ଓ କହିଲେ, ହେ ଖତାବ୍‌ଙ୍କ ପୁତ୍ର ! କ'ଣ ତୁମେ ବର୍ତମାନ ସୁଦ୍ଧା ସନ୍ଦେହ ଘେରରେ ରହିଛି । ସେମାନେ ଏଭଳି ଲୋକ ଯାହାଙ୍କୁ ଏହି ଭବ ସଂସାରରେ ସମସ୍ତ ସାଂସାରିକ ଐଶ୍ୱର୍ଯ୍ୟ ଖୁବ୍ ଶିଘ୍ର ମିଳିଯାଇଛି । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୋ ପାଇଁ କ୍ଷମା ଜାଚନା କରନ୍ତୁ । ***(ସହି ବଖାରୀ କିତାବୁଲ୍ ମଜାଲିମ୍.... ହଦିସ୍-୨୪୬୮)***

ହଜରତ ମସିହ ମଉଦ ଆ:ସ କୁହନ୍ତି: "ଏକଦା ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ଘରକୁ ଗଲେ ଉକ୍ତ କୋଠରୀରେ କିଛି ବି ଆସବାବ ଓ ଜିନିଷପତ୍ର ନଥିଲା ଓ ହଜୁର ସ:ଆ:ସ ଗୋଟିଏ ଚଟେଇ ଉପରେ ବିଶ୍ରାମ କରୁଥିଲେ ଯଦ୍ୱାରା ଚଟେଇର ଚିହ୍ନ ଆପଣଙ୍କ ଶରୀରରେ ପଡ଼ିଯାଇଥିଲା । ଉମର ର:ଅ ହଜୁର ସ:ଆ:ସଙ୍କର ଏପରି ଅବସ୍ଥା ଦେଖି କାନ୍ଦିବାକୁ ଲାଗିଲେ । ମହାଭାଗ ସ:ଆ:ସ କହିଲେ ହେ ଉମର୍ ! ତୁମେ କାହିଁକି କାନ୍ଦୁଅଛ ? ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ, କୈସର ଓ କିସ୍‌ରା ତ ଅତି ଆଡ଼ମ୍ବର ପୂର୍ଣ୍ଣ ଜୀବନ ଅତିବାହିତ କରୁଛନ୍ତି କିନ୍ତୁ ଆପଣ ଇହ ଓ ପରକାଳର ଶ୍ରେଷ୍ଠ ନବୀ ହୋଇ ମଧ ଏତେ କଷ୍ଟ ସହ୍ୟ କରୁଛନ୍ତି ? ଏଥିରେ ହଜୁର ସ:ଆ:ସ କହିଲେ ମୋର ଏହି ଭବ ସଂସାରରେ କ'ଣ କାମ ? ମୋର ଉଦାହରଣ ତ ସେହି ଯାତ୍ରୀ ପରି, ଯେ ଓଟରେ ଯାତ୍ରା କରୁଥିବା ସମୟରେ ମଧ୍ୟାହ୍ନର ପ୍ରଚଣ୍ଡ ଗ୍ରୀଷ୍ମତାପ ଯୋଗୁଁ କ୍ଷଣକ ପାଇଁ ଏକ ବୃକ୍ଷର ଛାୟା ତଳେ ଅଟକି ଯାଏ ଆଉ କିଛି ସମୟ ଥକାପଣ ଦୂର କରିବା ପରେ ପୁଣି ସେଠାରୁ ଆଗକୁ ବାହାରି ଯାଇଥାଏ" । ***(ଚଶ୍‌ମାଏ ମାରିଫତ୍, ରୁହାନୀ ଖଜାଇନ୍ ଖଣ୍ଡ-୨୩, ପୃ-୨୯୯-୩୦୦)***

ଗୋଟିଏ ଘଟଣା ସମ୍ବନ୍ଧରେ ଏ ସୂଚନା ମିଳୁଛି ଯେ ସେତେବେଳେ ହଜରତ ମୁହମ୍ମଦ ସ:ଆ:ସ ହଜରତ ଉମର ର:ଅଙ୍କୁ ଦୁଆ କରିବା ପାଇଁ ନିବେଦନ କରିଥିଲେ । ଏକଦା ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ଠାରୁ ଉମ୍‌ରା କରିବାପାଇଁ ଅନମୁତି ମାଗିଲେ ଏଥିରେ ହଜୁର ସ:ଆ:ସ ଆପଣଙ୍କୁ ଅନୁମତି ପ୍ରଦାନ କରି କହିଲେ **ଲା ତନ୍‌ସନା ୟା ଉଖୟା ମିନ୍ ଦୁଆଇକା** ଅର୍ଥାତ :- ହେ ମୋର ଭାଇ ! ନିଜ ଦୁଆରେ ମତେ ଭୂଲି ଯିବନାହିଁ । ହଜ୍‌ରତ୍ ଉମର୍ ର:ଅ କୁହନ୍ତି: ଏହା ଏପରି ବାକ୍ୟ ଥିଲା ଯଦି ତାହା ପ୍ରତିବଦଳରେ ମତେ ଏ ସମଗ୍ର ସଂସାର ମଧ ମିଳିଯାଇଥାନ୍ତା ତେବେ ମଧ ମୁଁ ଏଭଳି ଅନନ୍ଦିତ ହୋଇ ନଥାନ୍ତି । ଆଉ ଏକ ବର୍ଣ୍ଣନାରେ ଏପରି ଶବ୍ଦ ରହିଛି ଯେ: **ଅଶ୍‌ରିକ୍‌ନା ୟା ଉଖୟା ଫି ଦୁଆଇକା** ଅର୍ଥାତ ହେ ମୋର ଭାଇ ! ଆମକୁ ନିଜ ଦୁଆ ଅର୍ଥାତ ପ୍ରାର୍ଥନାରେ ସାମିଲ କରିବ ।

***(ସୁନନେ ଅବୁଦାଉଦ୍.... ହଦିସ୍ ୧୪୯୮)***

ହଜରତ ଉମର ର:ଅଙ୍କୁ ରସୁଲେ୍ କରିମ୍ ସ:ଆ:ସଙ୍କ ସହିତ କେତେ ଓ ସ୍ନେହ ଥିଲା । ଏହି ଘଟଣାରୁ ତାହା ସ୍ପଷ୍ଟ ହେଉଅଛି । ଏ ସମ୍ବନ୍ଧରେ ହଜରତ ଆଇଶା ର:ଅଙ୍କର ଏକ ବର୍ଣ୍ଣନା ରହିଛି ଯେ ଯେବେ ରସୁଲୁଲ୍ଲାଃ ସ:ଆ:ସଙ୍କର ଦେହାନ୍ତ ହେଲା ସେତେବେଳେ ହଜରତ ଉମର ର:ଅ ଏକଥା ଚିନ୍ତା କରିଥିଲେ ଯେ ଅଲ୍ଲାଃ ତାଲା ମହାଭାଗ ସ:ଆ:ସଙ୍କୁ ନିଶ୍ଚିତ ରୂପେ ଉଠାଇନେବେ । ସେ ଯାହା ହେଉ ପୁଣି ଯେତେବେଳେ ହଜରତ ଅବୁବକର ର:ଅ ଉପସ୍ଥିତ ହୋଇ ସୁରଃ ଆଲେ ଇମ୍‌ରାନ୍ ର ଆୟତ ନଂ-୧୪୫ ପାଠ କଲେ, ସେତେବେଳେ ହଜରତ ଉମର ର:ଅ ଘଟଣାକୁ ବୁଝିଗଲେ ଓ ମାମଲା ଶେଷ ହୋଇଗଲା । ***(ସହି ବୁଖାରୀ କିତାବ ଫଜାଇଲ୍......୩୬୬୭-୩୬୬୮)*** ।

ଏ ସମ୍ବନ୍ଧରେ ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି: ହଜୁର ସ:ଆ:ସଙ୍କ ଦେହାନ୍ତରେ ହଜ୍‌ରତ୍ ଉମର୍ ର:ଅଙ୍କୁ ବୋଧ ହେଲା ଯେ, ଆପଣ ଜୀବିତ ଅଛନ୍ତି ଏବଂ ଆପଣ ପୂନର୍ବାର ଅବତୀର୍ଣ୍ଣ ହେବେ ଆପଣଙ୍କ ସହିତ ହଜ୍‌ରତ୍ ଉମର୍ ର:ଅଙ୍କୁ ଏଭଳି ଗଭୀର ପ୍ରେମଭାବ ଥିଲା ଯେଉଁଥିପାଇଁ ସେ ଏହା କହୁଥିଲେ ଯେ ଯଦି କିଏ ଏକଥା କହିବ ଯେ ହଜୁର ସ:ଆ:ସଙ୍କର ନିଧନ ହୋଇଯାଇଛି ବୋଲି ତା'ହେଲେ ମୁଁ ତା'ର ସ୍କନ୍ଦଚ୍ୟୁତ କରିଦେବି । କିନ୍ତୁ ଯେତେବେଳେ ହଜରତ ଅବୁବକର ର:ଅ ସମସ୍ତ ସାହାବାଙ୍କ ସମ୍ମୁଖରେ ଏହି ଆୟତ ପାଠ କଲେ **ଓ୍ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବ୍‌ଲିହିର ରୁସୁଲ୍** ଅର୍ଥାତ- ଏବଂ ମୁହମ୍ମଦ କେବଳ ଜଣେ ରସୁଲ୍ ଅଟନ୍ତି; ତାହାଙ୍କ ପୂର୍ବରୁ ସମସ୍ତ ରସୁଲ୍ ମୃତ୍ୟୁବରଣ କରିସାରିଛନ୍ତି । ସେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ପାଦ ସିହରିତ ହୋଇଉଠିଲା ଓ ସେ ଧକ୍କା ଖାଇ ଭୂମିରେ ପଡ଼ିଗଲେ ସୁତରାଂ ଯଦି କେହି ନବୀ ଜୀବିତ ଥାଆନ୍ତେ ତେବେ ଏହି ଯୁକ୍ତି ଠିକ୍ ନଥିଲା ଯେ ଯଦି ସବୁ ନବୀମାନେ ମୃତ୍ୟୁ ବରଣ ନ କରିପାରିବେ । ସେତେବେଳେ ଏପରି କଥନରେ ହଜ୍‌ରତ୍ ଉମର୍ ର:ଅ ନିଶ୍ଚିତ କହିଥାନ୍ତେ ଯେ ଆପଣ (ଅର୍ଥାତ:- ହଜରତ ଅବୁବକର ର:ଅ) କାହିଁକି ଧୋକା ଦେଉଛନ୍ତି ଯିଶୁ ମସିହ୍ ତ' ଆକାଶରେ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି ଯଦି ସେ ଜୀବିତ ଅଛନ୍ତି ତେବେ ଆମ ନବୀ ଶିରୋମଣୀ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ କାହିଁକି ଜୀବିତ ରହିପାରିବେ ନାହିଁ ? କିନ୍ତୁ ସମସ୍ତ ସାହାବାମାନଙ୍କର ଏପରି କ୍ଷେତ୍ରରେ ମଉନ ରହିଯିବା ପ୍ରମାଣିତ କରୁଛି ଯେ, ସମସ୍ତ ସାହାବାମାନଙ୍କର ଏ ବିଶ୍ୱାସ ଥିଲା ଯେ ହଜରତ ମସିହ୍ ମୃତ୍ୟୁବରଣ କରିସାରିଛନ୍ତି ।" ***(ତୋହ୍‌ଫତୁଲ୍ ମଲୁକ୍, ଅନ୍‌ଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୨, ପୃ-୧୨୮)***

ଏହି ପ୍ରସଙ୍ଗରେ ହଜରତ ମସିହ ମଉଦ ଆ:ସ ମଧ ବର୍ଣ୍ଣନା କରିଛନ୍ତି ଯାହାକି ମୁଁ ପୂର୍ବରୁ ଏକ ଖୁତ୍‌ବାରେ ଆଲୋଚନା କରିସାରିଛି ।

ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କର ପୂର୍ଣ୍ଣ ଆଜ୍ଞାକାରୀ ଥିଲେ ଏ ସମ୍ବନ୍ଧରେ ଆବିସ୍ ହଜରତ ଉମର୍ ର:ଅଙ୍କଠାରୁ ବର୍ଣ୍ଣନା କରିଛନ୍ତି ଯେ ହଜ୍ ଓ ଉମ୍‌ରା ସମୟରେ ହଜରତ ଉମର ର:ଅ ହଜରେ ଅସୱଦ୍ ଅର୍ଥାତ କଳାପଥରକୁ କହୁଥିଲେ ଯଦି ମୋର ପ୍ରୀୟ ନବୀ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ତତେ ଚୁମ୍ବନ କରିନଥାନ୍ତେ ତେବେ ମୁଁ ତତେ କଦାପି

ଚୁମ୍ବନ ଦେଇନଥାନ୍ତି । ***(ସହି ବୁଖାରୀ କିତାବୁଲ୍ ହଜ୍..... ହଦିସ୍-୨୯୪୫)***

ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି ହଜ୍‌ରତ୍ ଉମର୍ ର:ଅ ଏକଦା ବୈତୁଲାର ପରିକ୍ରମା କରୁଥିଲେ ଯେ ହଜ୍‌ରେ ଅସୱ୍ୱଦ ନିକଟ ଦେଇ ଅତିକ୍ରମ କଲେ । ଆପଣ ନିଜ ବଙ୍କୁଲିବାଡ଼ିକୁ ତା ଉପରେ ମାରି କହିଲେ ମୁଁ ଜାଣିଛି ତୁ ଗୋଟିଏ ପଥର ଖଣ୍ଡ ତୋ ଠାରେ କୌଣସି ଶକ୍ତି ନାହିଁ କିନ୍ତୁ ମୁଁ କେବଳ ପ୍ରଭୁଙ୍କୁ ଆଦେଶ ପାଳନ କରି ତତେ ଚୁମ୍ବନ କରୁଛି । ତାଙ୍କ ମଧ୍ୟରେ ଏକଶ୍ୱରବାଦ ମୂଳକ ଉତ୍ସାହ ଏପରି ଥିଲା ଯାହାକି ତାଙ୍କୁ ସଂସାରରେ ମର୍ଯ୍ୟାଦା ପ୍ରଦାନ କରିଥିଲା । ସେ ଅଦ୍ୱିତୀୟ ଈଶ୍ୱରଙ୍କ ଏକଶ୍ୱରବାଦର ପୂର୍ଣ୍ଣ ଓ ସିଦ୍ଧ ପ୍ରେମିକ ଥିଲେ ସେ କଦାପି ଏହାକୁ ବରଦାସ୍ତ କରିପାରି ନଥାନ୍ତେ ଯେ, ଅଲ୍ଲାଃ ତାଲାଙ୍କ ସକଳ ଶକ୍ତିରେ ଅନ୍ୟ କାହାରିକୁ ସମକକ୍ଷ କରାଯାଉ । ନିଃସନ୍ଦେହ ସେ ହଜ୍‌ରେ ଅସୱ୍ୱଦ୍ ପ୍ରତି ସମ୍ମାନ ବ୍ୟକ୍ତ କରୁଥିଲେ ଏବଂ ତାହା କେବଳ ଏଥିପାଇଁ ଯେ, ଅଲ୍ଲାଃ ତାଲା ଏହା କହିଛନ୍ତି ଯେ ସେମାନେ ହଜ୍‌ରେ ଅସୱ୍ୱଦ୍ ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ । ନା କି ଏଥିପାଇଁ ଯେ ହଜ୍‌ରେ ଅସୱ୍ୱଦ୍‌ରେ ଏଭଳି କୌଣସି ବିଶେଷ ଗୁଣ ରହିଛି ବୋଲି ତାକୁ ଏପରି ସମ୍ମାନ ଦିଆଯାଉ । ସେ ଏହା ମନେ କରୁଥିଲେ ଯେ ଯଦି ଅଲ୍ଲାଃ ତାଲା ଆମମାନଙ୍କୁ କୌଣସି ନିକୃଷ୍ଟ ବସ୍ତୁକୁ ଚୁମ୍ବନ ଦେବା ନିମନ୍ତେ ଆଦେଶ ବି ଦିଅନ୍ତି ତେବେ ଆମେମାନେ ତାହାକୁ ଚୁମ୍ବନ ଦେବାପାଇଁ ମଧ୍ୟ ପ୍ରସ୍ତୁତ ଅଛୁ । କାରଣ ଆମେମାନେ ହେଉଛୁ ଅଲ୍ଲାଃ ତାଲାଙ୍କ ଭକ୍ତ ନା କି କୌଣସି ପଥରର ଅବା ଗୃହର ଭକ୍ତ । ଅତଏବ ସେମାନେ ହଜ୍‌ରେ ଅସୱ୍ୱଦ୍ ଓ ଅନ୍ୟାନ୍ୟ ଶାଏରୁଲ୍ଲାଃ ଅର୍ଥାତ ପବିତ୍ର ସ୍ଥଳୀ ଗୁଡ଼ିକ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ଏକଶ୍ୱରବାଦକୁ ମଧ୍ୟ ଅଣଦେଖା କରୁନଥିଲେ । ଅତଏବ ଏହା ହିଁ ହେଉଛି ପ୍ରକୃତ ବିଶ୍ୱାସକାରୀର ବିଶେଷତା । ଜଣେ ପ୍ରକୃତ ବିଶ୍ୱାସକାରୀ ବୈତୁଲ୍ଲାଃକୁ ସେହିପରି ଏକ ପଥର ନିର୍ମିତ ଗୃହ ବୋଲି ମନେ କରିଥାଏ ଯେପରି ସଂସାରରେ ହଜାର ହଜାର ଗୃହଗୁଡ଼ିକ, ଯାହା ସବୁ ପଥର ଦ୍ୱାରା ନିର୍ମାଣ ହୋଇଅଛି । ତେଣୁ ପ୍ରତ୍ୟେକ ବିଶ୍ୱାସକାରୀ ହଜ୍‌ରେ ଅସ୍ୱଦ୍‌କୁ ସେହଭଳି ଏକ ପଥର ମଣିଥାଏ ଯେଉଁଭଳି ଏ ପୃଥିବୀରେ କୋଟି କୋଟି ପଥର ରହିଛି । ପୁଣି ଏହା ସତ୍ତ୍ୱେ ମଧ୍ୟ ଜଣେ ପ୍ରକୃତ ବିଶ୍ୱାସକାରୀ ହଜ୍‌ରେ ଅସ୍ୱଦ୍‌କୁ ଚୁମ୍ବନ କରିଥାଏ କାରଣ ସେ ଏହା ଜାଣିଥାଏ ଯେ, ମୋ ପ୍ରଭୁ ମତେ ଏହି ବସ୍ତୁମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାପାଇଁ ଆଦେଶ ଦେଇଛନ୍ତି । ଏପରି ସେମାନେ କେବଳ ନିଜ ପ୍ରଭୁଙ୍କ ଆଦେଶ ପାଳନ କରି ଏବଂ ନିଜ ବିଶ୍ୱାସକୁ ଦୃଢ଼ିଭୁତ କରିବାପାଇଁ କରିଥାନ୍ତି ଏବଂ ଏହି ସାକ୍ଷ୍ୟ ଦେଇଥାନ୍ତି ଯେ, ଆମେ ହେଉଛୁ ଏକ ଈଶ୍ୱରଙ୍କର ଭକ୍ତ ନା କି କୌଣସି ପଥରର ଭକ୍ତ । ଏହା ହିଁ ସେହି ବାସ୍ତବତା ଯାହାର ହଜ୍‌ରତ୍ ଉମର୍ ର:ଅ ପରିପ୍ରକାଶ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ହଜ୍‌ରେ ଅସ୍ୱଦ୍ ଉପରେ ନିଜ ଲାଠି ଦ୍ୱାରା ପ୍ରହାର କରି କହିଲେ ମୁଁ ତ ତୋର ସ୍ଥିତିକୁ ଆଦୌ ଗୁରୁତ୍ୱ ବୋଲି ମନେ କରୁନାହିଁ କାରଣ ତୁ ଅନ୍ୟ ସଂସାରରେ ମିଳୁଥିବା ପଥରଖଣ୍ଡ ପରି ଗୋଟିଏ ପଥର କିନ୍ତୁ ଯେହେତୁ ପ୍ରଭୁ ମତେ ଏପରି କରିବାକୁ ଆଦେଶ ଦେଇଛନ୍ତି ତେଣୁ ମୁଁ ଏପରି କରୁଅଛି ଅର୍ଥାତ ହଜ୍‌ରେ ଅସ୍ୱଦ୍‌କୁ ଚୁମ୍ବନ ଦେଉଅଛି ।

***(ତଫ୍‌ସୀର କବୀର ଖଣ୍ଡ-୧୦, ପୃ-୧୩୦)***

ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କୁ ଯେତେବେଳେ ପ୍ରଶ୍ନ କଲେ ସେତେବେଳେ ହଜୁର ସ:ଆ:ସ ତାଏଫ୍‌ରୁ ଫେରିବା ପରେ ଜିରାନିହ୍ ନାମକ ସ୍ଥାନରେ ଥିଲେ, ହଜୁର ସ:ଆ:ସଙ୍କୁ ହଜରତ ଉମର ର:ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ ! ଅଶିକ୍ଷିତ ଯୁଗରେ ମୁଁ ମସ୍‌ଜିଦେ ହରାମ୍‌ରେ ଗୋଟିଏ ଦିନ ପାଇଁ ଏତେକାଫ୍‌ରେ ବସିବାପାଇଁ ମାନସିକ କରିଥିଲି ତେଣୁ ହେ ଅଲ୍ଲାଃଙ୍କ ବାର୍ତାବହ ! ଏ ପ୍ରସଙ୍ଗରେ ମୋ ପାଇଁ ଆପଣଙ୍କର କ'ଣ ଆଦେଶ ରହିଛି ? ପ୍ରତ୍ୟୁତରରେ ହଜୁର ସ:ଆ:ସ କହିଲେ, ଯାଅ ଗୋଟିଏ ଦିନ ସେଠାରେ ଏତ୍‌କାଫ୍ କରିନିଅ । ସେ ଯାହା ହେଉ ନା କାହିଁକି ମାନସିକର ଯେଉଁ ପ୍ରଶ୍ନ ରହିଛି ତାହା ଯେ କୌଣସି ଯୁଗରେ କରିଥାଅ ନା କାହିଁକି (ଅର୍ଥାତ ବିଶ୍ୱାସ ଆଣିବା ପୂର୍ବରୁ କରିଥାଅ ନା କାହିଁକି) ସେହି ମାନସିକକୁ ଅବଶ୍ୟ ପୂରଣ କରିବା ଉଚିତ । ହଜୁର ସ:ଆ:ସ ହିଁ ଆମମାନଙ୍କୁ ଏହି ଶିକ୍ଷା ପ୍ରଦାନ କରିଛନ୍ତି । ପୁନଶ୍ଚ ବର୍ଣ୍ଣନାକାରୀ କୁହନ୍ତି: ଏକଦା ରସୁଲୁଲ୍ଲାଃ ସ:ଆ:ସ ହଜରତ ଉମର୍ ର:ଅଙ୍କୁ ଖୁମୁସ୍‌ରୁ ଅର୍ଥାତ ଏକ ପଂଚମାସ ମଧ୍ୟରୁ ଗୋଟିଏ ଯୁବତୀ ପ୍ରଦାନ କରିଥିଲେ । ହଜୁର ସ:ଆ:ସ ଯେତେବେଳେ ଲୋକମାନଙ୍କର କଏଦୀମାନଙ୍କୁ ମୁକ୍ତ କଲେ । ହଜ୍‌ରତ୍ ଉମର୍ ର:ଅ ଦାସ ମାନଙ୍କୁ ପରସ୍ପର ମଧ୍ୟରେ ଏହି କଥାବାର୍ତା କରୁଥିବାର ଶୁଣିଲେ ସୁତରାଂ ପଚାରିବାରୁ ଜାଣିବାକୁ ପାଇଲେ ଯେ, ହଜୁର ସ:ଆ:ସ କଏଦୀମାନଙ୍କୁ ମୁକ୍ତ କରିବାର ଆଦେଶ ଦେଇଛନ୍ତି । ଏଥିରେ ହଜ୍‌ରତ୍ ଉମର୍ ର:ଅ ନିଜ ପୁତ୍ରକୁ କହିଲେ, ହେ ଅବ୍‌ଦୁଲ୍ଲାଃ ! ହଜୁର ସ:ଆ:ସ ଯେଉଁ ଯୁବତୀ ଆମକୁ ପ୍ରଦାନ କରିଥିଲେ ତୁମେ ସେହି ଯୁବତୀ ନିକଟକୁ ଯାଅ ଏବଂ ତାକୁ ମୁକ୍ତ କରିଦିଅ । ***(ସହି ମୁସ୍‌ଲିମ୍ କିତାବୁଲ୍ ଇମାନ୍..... ହଦିସ୍-୪୨୯୪)***

ହଜରତ ହୁଜୈଫା ର:ଅଙ୍କୁ ନବୀ କରିମ୍ ସ:ଆ:ସଙ୍କର ଜଣେ ବିଶ୍ୱାସନୀୟ ଅନୁଚର ମଣା ଯାଉଥିଲେ । ହଜରତ ଅବୁ ହୁଜୈଫା ର:ଅ ତବୁକ୍ ଯୁଦ୍ଧ ସମ୍ପର୍କରେ ବର୍ଣ୍ଣନା କରନ୍ତି ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ନିଜ ବାହନରୁ ତଳକୁ ଓହ୍ଲାଇଲେ ସେତେବେଳେ ହଜୁର ସ:ଆ:ସଙ୍କ ଉପରେ ଏକ ଐଶୀବାଣୀ ଅବତୀର୍ଣ୍ଣ ହେଲା । ସେହି ସମୟରେ ହଜୁର ସ:ଆ:ସଙ୍କ ବାହନଟି ବସିଥିଲା କିନ୍ତୁ ହଠାତ୍ ଛିଡ଼ା ହୋଇଗଲା ଏବଂ ନିଜ ଦଉଡ଼ିଟିକୁ ଟାଣିବାକୁ ଲାଗିଲା ମୁଁ ତା'ର ଦଉଡ଼ିକୁ ଧରି ପକାଇଲି ଏବଂ ତାକୁ ଧରି ଆଣି ହଜୁର ସ:ଆ:ସଙ୍କ ନିକଟରେ ବସାଇ ଦେଲି ପୁନଶ୍ଚ ମୁଁ ସେହି ଓଟ ପାଖରେ ବସି ରହିଲି ଏପରିକି ନବୀ କରିମ୍ ସ:ଆ:ସ ଛିଡ଼ା ହେଲେ ଏବଂ ମୁଁ ସେହି ଓଟଟିକୁ ଧରି ହଜୁର ସ:ଆ:ସଙ୍କ ନିକଟକୁ ନେଇ ଆସିଲି । ହଜୁର ସ:ଆ:ସ ପଚାରିଲେ କିଏ ? ମୁଁ ଉତର ଦେଲି ଆଜ୍ଞା ମୁଁ ହୁଜୈଫା । ହଜୁର ସ:ଆ:ସ କହିଲେ ମୁଁ ତୁମକୁ ଏକ ଗୁପ୍ତ କଥା ସମ୍ପର୍କରେ କହିବି ଏବଂ ତୁମେ କାହା ଆଗରେ ଏହା ଚର୍ଚ୍ଚା କରିବନାହିଁ । ମତେ ଅମୁକ ଅମୁକ ବ୍ୟକ୍ତିର ନମାଜ ଯନାଜାଃ ପଢ଼ିବାକୁ ବାରଣ କରାଯାଇଛି । ପୁଣି ହଜୁର ସ:ଆ:ସ କପଟବିଶ୍ୱାସୀମାନଙ୍କର ଗୋଟିଏ ଦଳର ନାମ ନେଲେ ପୁଣି ଯେତେବେଳେ ହଜୁର ସ:ଆ:ସଙ୍କର ଦେହାନ୍ତ ଅର୍ଥାତ ବିୟୋଗ ଘଟିଲା ଏବଂ ହଜରତ ଅବୁବକର ର:ଅଙ୍କ ପରେ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ଶାସନ ଆରମ୍ଭ ହେଲା ଓ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ଯେତେବେଳେ କୌଣସି ବ୍ୟକ୍ତି ମୃତ୍ୟୁ ପାଉଥିଲା, ହଜ୍‌ରତ୍ ଉମର୍ ର:ଅ ଉକ୍ତ ମୃତବ୍ୟକ୍ତି ସମ୍ପର୍କରେ ଯଦି ଏହା ଜାଣିବାକୁ ପାଉଥିଲେ ଯେ ସେ ଜଣେ ମୁନାଫିକ୍ ଥିଲା ବୋଲି ଅର୍ଥାତ କପଟବିଶ୍ୱାସୀ ଗୋଷ୍ଠୀର ଥିଲା ବୋଲି ଏପରି ସ୍ଥଳେ ହଜ୍‌ରତ୍ ଉମର୍ ର:ଅ ହଜରତ ଅବୁ ହୁଜୈଫା ର:ଅଙ୍କ ହାତ ଧରି ତାଙ୍କୁ ନମାଜ ଯନାଜାଃ ପଢ଼ିବାପାଇଁ ନିଜ ସାଙ୍ଗରେ ନେଇ ଯାଉଥିଲେ । ଯଦି ହଜରତ ହୁଜୈଫା ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ସାଥିରେ ବାହାରୁଥିଲେ ତେବେ ଆପଣ ତାହାର ନମାଜ ଯନାଜାଃ ପଢୁଥିଲେ । ଯଦି ହଜରତ ହୁଜୈଫା ଉକ୍ତ ମୃତବ୍ୟକ୍ତିର ଯନାଜାଃ ପଢ଼ିବାପାଇଁ ଅନିଚ୍ଛା ପ୍ରକାଶ କରୁଥିଲେ, ସେତେବେଳେ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ସେଥିରୁ ନିବୃତ ରହୁଥିଲେ ଅର୍ଥାତ ତାହାର ନମାଜ ଯନାଜାଃ ପଢୁନଥିଲେ । ***(ଅସ୍‌ସିରତୁଲ୍ ହଲ୍‌ବିୟା..... ଖଣ୍ଡ-୩..... ପୃ-୪୪୦-୪୪୧...... କରାଚି ୨୦୦୯)***

ହଜରତ ଉମର ର:ଅଙ୍କର ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଭବିଷ୍ୟବାଣୀକୁ ବାସ୍ତବରେ ଚରିତାର୍ଥ କରିବା ପ୍ରସଙ୍ଗରେ ହଜରତ ମସିହ ମଉଦ ଆ:ସ କୁହନ୍ତି: ହଜ୍‌ରତ୍ ଉମର୍ ର:ଅ ଯିଏ ସତ୍ୟନିଷ୍ଠ ଓ ନୈଷ୍ଠିକତାର ପ୍ରତିବିମ୍ବ ଥିଲେ ସେ ଏହି ପଦବୀ ଅର୍ଥାତ ଦ୍ୱିତୀୟ ଖଲିଫା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଅତଏବ ଏହିପରି ଭାବରେ ପ୍ରତ୍ୟେକ ସାହାବି ସମ୍ମାନ ପାଇଥିଲେ । କୈସର୍ ଓ କିସ୍‌ରାର ଧନସମ୍ପତି ଓ ରାଜକୁମାରୀମାନେ ସେହି ସାହାବିମାନଙ୍କ ଅଧିନକୁ ଆସିଯାଇଥିଲେ । ହଦିସ୍‌ରେ ଉଲ୍ଲେଖ ରହିଛି ଯେ ଜଣେ ସାହାବି ଯେତେବେଳେ କିସ୍‌ରାର ଦରବାରରେ ଯାଇ ପହଂଚିଲେ ସେତେବେଳେ କିସ୍‌ରାର କର୍ମଚାରୀମାନେ ସ୍ୱର୍ଣ୍ଣ ଓ ରୌପ୍ୟ ଚଉକି ବିଛାଇ ଦେଲେ ଏବଂ ନିଜର ଶକ୍ତି ଓ ଭବ୍ୟତା ପ୍ରଦର୍ଶନ କରିଥିଲେ । ସେହି ସାହାବି ଜଣକ କହିଲେ, ଆମେମାନେ ଏହି ଧନସମ୍ପତି ଓ ବୈଭବ ଯୋଗୁଁ ମୁଗ୍ଧ ଓ ଆଶକ୍ତ ହେଲୁନାହିଁ କାରଣ ଆମମାନଙ୍କୁ ଅଲ୍ଲାଃ ତାଲାଙ୍କର ଏହି ପ୍ରତିଶୃତି ମିଳିଥିଲା ଯେ, କିସ୍‌ରାର କଙ୍କଣ ମଧ୍ୟ ଆମ ହାତ ମୁଠାକୁ ଚାଲିଆସିବ । ସୁତରାଂ ହଜ୍‌ରତ୍ ଉମର୍ ର:ଅ ସେହି କଙ୍କଣ ଦ୍ୱୟକୁ ଜଣେ ସାହାବିକୁ ପିନ୍ଧାଇ ଦେଇଥିଲେ କାରଣ ହଜୁର ସ:ଆ:ସଙ୍କ ଦ୍ୱାରା କରାଯାଇଥିବା ଭବିଷ୍ୟବାଣୀଟିକୁ ଆପଣ ପ୍ରତ୍ୟକ୍ଷ ରୂପରେ ପୂରଣ କରିବାପାଇଁ ଚାହୁଁଥିଲେ" । ***(ମଲ୍‌ଫୁଜାତ ଖଣ୍ଡ-୨, ପୃ-୪୬)***

ଉପରୋକ୍ତ ଘଟଣା ସମ୍ପର୍କରେ ହଜରତ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି ଯଦିଓ ପୁରୁଷମାନଙ୍କ ପକ୍ଷରେ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିବା ଅବୈଧ୍ୟ ଅଟେ କିନ୍ତୁ ହଜ୍‌ରତ୍ ଉମର୍ ର:ଅ କିସ୍‌ରାର କଙ୍କଣ ଜଣେ ସାହାବିକୁ ପିନ୍ଧାଇ ଦେଇଥିଲେ ଏବଂ ଯେତେବେଳେ ସେହି ସାହାବିଜଣକ ସେହି ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିବାକୁ ଅସମ୍ମତି ପ୍ରକାଶ କଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସେହି ସାହାବିଙ୍କ ଉପରେ ବିରକ୍ତ ହେଲେ ଏବଂ କହିଲେ, ହଜୁର ସ:ଆ:ସଙ୍କର ଏହି ଭବିଷ୍ୟବାଣୀ ରହିଛି ଯେ, ତୁମ ହାତରେ କୈସର୍ ଓ କିସ୍‌ରାର କଙ୍କଣ ପିନ୍ଧିଥିବାର ମତେ ଦୃଶ୍ୟମାନ ହୋଇଛି । ସେହିପରି ଅନ୍ୟ ଏକ ଅବସରରେ କିସ୍‌ରା ସମ୍ରାଟଙ୍କ ମୁକୁଟ ଓ ତା'ର ରେଶମ ବସ୍ତ୍ର ଯୁଦ୍ଧ ଦ୍ୱାରା ପ୍ରାପ୍ତ ହୋଇଥିବା ଧନସମ୍ପତି ମାଧ୍ୟମରେ ଆସିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଜଣେ ବ୍ୟକ୍ତିକୁ ସେହି ବସ୍ତ୍ର ଓ ମୁକୁଟ ପିନ୍ଧିବାକୁ ଆଦେଶ ଦେଲେ ଏବଂ ଯେତେବେଳେ ସେ ମୁକୁଟ ଓ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧିନେଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ କାନ୍ଦି ପକାଇଲେ । ହଜ୍‌ରତ୍ ଉମର୍ ର:ଅ କହିଲେ କିଛି ଦିନ ପୂର୍ବେ କିସ୍‌ରା ମହାରାଜ ଏହି ବସ୍ତ୍ର ତଥା ଆଭୁଷଣକୁ ପିନ୍ଧି ଗର୍ବ ସହକାରେ ଇରାନ୍‌ରେ ଶାସନ କରୁଥିଲା କିନ୍ତୁ ଆଜି ସେ ବଣଜଙ୍ଗଲରେ ଘୁରି ବୁଲୁଛି । ତେବେ ସେ ଯାହା ହେଉ ନା କାହିଁକି ଜଣେ ସାଂସାରିକ ବ୍ୟକ୍ତିର ଏହିଭଳି ଶୋଚନୀୟ ଅବସ୍ଥା ତଥା ପରିଣତି ହୋଇଥାଏ । ହଜ୍‌ରତ୍ ଉମର୍ ର:ଅଙ୍କ ଏପରି ପଦକ୍ଷେପ ପ୍ରତ୍ୟକ୍ଷ ରୂପେ ସଠିକ୍ ବୋଲି ମନେ ହୋଇନପାରେ କାରଣ ରେଶମ ଓ ସୁନା ଉଭୟ ପୁରୁଷମାନଙ୍କ ପାଇଁ ଇସ୍‌ଲାମ୍‌ରେ ଅବୈଧ । କିନ୍ତୁ ପରମେଶ୍ୱରଙ୍କ ଭବିଷ୍ୟବାଣୀ ପୁରଣ କରିବା ଉଦ୍ଦେଶ୍ୟରେ ହଜରତ ଉମର ର:ଅ କିଛି କ୍ଷଣ ପାଇଁ ଏପରି କରିଥିଲେ । ପ୍ରକୃତ ବସ୍ତୁ ହେଉଛି ଅଲ୍ଲାଃ ତାଲାଙ୍କ ଦ୍ୱାରା ସ୍ଥିରକୃତ ଧର୍ମପରାୟଣତା । ଅଲ୍ଲାଃଙ୍କ ଭୟ ରହିବା କଥା ଏବଂ ଅଲ୍ଲାଃ ତାଲା ହେଉଛନ୍ତି ସକଳ ବସ୍ତୁର ସୃଷ୍ଟିକର୍ତା । ତେଣୁ ତାହାଙ୍କ ସକାଶେ ଧର୍ମପରାୟଣତା ରହିବା କଥା ଯଦି ଧର୍ମ ପରାୟଣତା ପରିତ୍ୟାଗ କରିବାକୁ ପଡ଼େ ତେବେ ସେହି କାର୍ଯ୍ୟ ଯେତେ ବି ପୂଣ୍ୟ ହୋଇଥାଉ ନା କାହିଁକି ଅର୍ଥାତ ପୂଣ୍ୟକର୍ମ ବୋଲି ଲାଗୁଥିଲେ ମଧ୍ୟ, ତାହାକୁ ପରିତ୍ୟାଗ କରିବା ହେଉଛି ଅସଲ ପୁଣ୍ୟ । ***(ଏକ୍ ସାହେବ୍ କେ ପାଂଚ ସୱାଲୋଁ କା ଜୱାବ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୩, ପୃ-୨୮)***

ହଜରତ ଅବଦୁଲ୍ଲାଃ ବିନ୍ ଉମର ର:ଅ ବର୍ଣ୍ଣନା କରନ୍ତି: ନବୀ କରିମ୍ ସ:ଆ:ସ କହିଲେ, ମତେ ସ୍ୱପ୍ନରେ ଏହା ଦେଖାଇ ଦିଆଯାଇଛି କି ମୁଁ ଏକ କୂପ ପାଖରେ ଛିଡ଼ା ହୋଇଛି ଏବଂ ସେଠାରେ ଏକ ଚକ୍ରାକାର ଚରଖା ଓ ଦଉଡ଼ି ବନ୍ଧା ହୋଇଛି ସେହି ଦଉଡ଼ିରେ ଏକ ପାତ୍ର ଲାଗି ରହିଛି ତେଣୁ ମୁଁ ବନ୍ଧା ହୋଇଥିବା ଦଉଡ଼ିରେ ଲାଗିଥିବା ପାତ୍ରା ସାହାଯ୍ୟରେ ଜଳ ଉପରକୁ ଟାଣି କାଢୁଛି ଓ ଠିକ୍ ସେତିକିବେଳେ ହଜରତ ଅବୁବକର ର:ଅ

ଆସି ପହଂଚୁଛନ୍ତି ଏବଂ ସେ ବାଲ୍‌ଟିଏ ବା ଦୁଇ ବାଲ୍‌ଟି ପାଣି କୂପରୁ କାଢୁଛନ୍ତି ଓ ହଜରତ ଅବୁବକର ର:ଅ କୂପରୁ ଜଳ କାଢ଼ିବା ସମୟରେ କିଛି ଦୁର୍ବଳତା ଅନୁଭବ କରୁଛନ୍ତି । କିନ୍ତୁ ଅଲ୍ଲାଃ ତାଲା ତାଙ୍କର ଏହି ଦୂର୍ବଳତାକୁ ଢ଼ାଙ୍କି ଦେବେ ଏବଂ ତାଙ୍କ ପ୍ରତି ସଦୟ ହେବେ । ପୁନଶ୍ଚ ଉମର ବିନ୍ ଖତାବ୍ ର:ଅ ଆସି ପହଂଚିଲେ ଏବଂ ସେହି ବାଲ୍‌ଟି (ପାତ୍ର)ଟି ଏକ ବିଶାଳ ଜଳପାତ୍ରରେ ପରିଣତ ହୋଇଗଲା ଓ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ଭଳି ଏପରି କୌଣସି ବ୍ୟକ୍ତିଙ୍କୁ ଦେଖିଲି ନାହିଁ ଯିଏ ଏଭଳି ଅଭୂତ ପୂର୍ବ କାର୍ଯ୍ୟ ସମ୍ପାଦିତ କରିଥିବେ । ସୁତରାଂ କୂପରୁ ଏତେ ପାଣି ବାହାରିଲା ଯେ, ଲୋକମାନଙ୍କର ଶୋଷ ମେଂଟିଗଲା ଏବଂ ସେମାନେ ନିଜ ନିଜ ସ୍ଥାନରେ ଯାଇ ବସି ପଡ଼ିଲେ । ***(ସହି ବୁଖାରୀ କିତାବୁଲ୍ ଫଜାଇଲ୍... ହଦିସ୍ ୩୬୮୨)***

ହଜରତ ଇବ୍‌ନେ ଉମର ର:ଅ କୁହନ୍ତି ମୁଁ ହଜୁର ସ:ଆ:ସଙ୍କଠାରୁ ଶୁଣିଛି ଯେ, ଆପଣ ସ:ଆ:ସ କହୁଥିଲେ, ଏକଦା ମୁଁ ଶୋଇଥିଲି ଓ ସେହି ସମୟରେ ମୋ ନିକଟକୁ ଏକ ଦୁଗ୍ଧ ପାତ୍ର ଅଣାଗଲା ମୁଁ ସେହି ଦୁଗ୍ଧ ପାତ୍ରରୁ ଏତେମାତ୍ରାରେ ଦୁଧ ପାନ କଲି ଯେ, ମୋର ପେଟ ଭରି ଗଲା ଏପରି କି ମୋ ନଖ ମଧ୍ୟରୁ ଦୁଗ୍ଧ ଝରୁଥିବାର ମୁଁ ଅନୁଭବ କଲି ।

ପୁନଶ୍ଚ ମୁଁ ନିଜର ବଳକା ଦୁଗ୍ଧକୁ ହଜ୍‌ରତ୍ ଉମର୍ ର:ଅଙ୍କୁ ପ୍ରଦାନ କଲି । ସାହାବାମାନେ ପଚାରିଲେ ହେ ଅଲ୍ଲାଃଙ୍କ ବାର୍ତାବହ ! ଆପଣ ସ:ଆ:ସ ଏହାର ତାତ୍ପର୍ଯ୍ୟ କ'ଣ ବୁଝିଲେ ? ପ୍ରତ୍ୟୁତରରେ ହଜୁର ସ:ଆ:ସ କହିଲେ ଶିକ୍ଷା ।

***(ସହି ବୁଖାରୀ....... ହଦିସ୍: ୮୨)***

ହଜରତ ଜୈନୁଲ୍ ଆବେଦିନ୍ ୱଲିଉଲ୍ଲାଃ ସାହ୍ ସାହେବ ଉକ୍ତ ହଦିସ୍‌ର ବ୍ୟାଖ୍ୟା କରି କୁହନ୍ତି: **ଫଜଲୁଲ୍ ଇଲ୍‌ମ**ର ଅର୍ଥ ଏଠାରେ ଶିକ୍ଷାର ମହତ୍ୱ ନୁହେଁ ବରଂ ଶିକ୍ଷାର ବଳକା ଅଂଶ । ଶିକ୍ଷାର ଗୁରୁତ୍ୱ ଓ ମହତ୍ୱ ବିଷୟରେ ଅଲଗା ଅଧ୍ୟାୟ ଉଲ୍ଲେଖ ରହିଛି । ହଜୁର ସ:ଆ:ସଙ୍କ ସ୍ୱପ୍ନରୁ ଏବଂ ତାହାର ଅର୍ଥରୁ ଏହା ପ୍ରମାଣ କରିବା ଅଭିପ୍ରାୟ ଯେ, ସାଂସାରିକ ବିଜୟ ଓ ପ୍ରତିଷ୍ଠା ଯାହା ମୁସଲମାନମାନଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ପ୍ରାପ୍ତ ହୋଇଥିଲା ତାହା ନବୀ ସ:ଆ:ସଙ୍କ ଶିକ୍ଷାର ଏକ ଅବଶିଷ୍ଟାଂଶ ଥିଲା ଯାହା ହଜୁର ସ:ଆ:ସଙ୍କ ମାଧ୍ୟମରେ ହଜ୍‌ରତ୍ ଉମର୍ ର:ଅଙ୍କୁ ପ୍ରାପ୍ତ ହୋଇଥିଲା । ପବିତ୍ର କୁର୍‌ଆନ୍ ମଜିଦ୍‌ରେ ହଜୁର ସ:ଆ:ସଙ୍କୁ ସମଗ୍ର ସାଂସାରିକ ଓ ଆଧ୍ୟାତ୍ମିକ ଜଗତର ଉନ୍ନତିର ସମଷ୍ଟି ବୋଲି କୁହାଯାଇଛି......... ଇମାମ୍ ବୁଖାରୀ ରାଜନୀତିକୁ ଶିକ୍ଷାରେ ଅନ୍ତର୍ଭୁକ୍ତ କରି ଏହି ଦିଗ ଆଡ଼କୁ ଇଙ୍ଗିତ କରିଛନ୍ତି ଯେ, ହଜୁର ସ:ଆ:ସ ପୂର୍ଣ୍ଣ ସତ୍ୟବାଦିତା ଆଣିଥିଲେ ଯାହାକି ମନୁଷ୍ୟର ଉଭୟ ଲୋକର ପୂର୍ଣ୍ୟ ଉପରେ ପରିବ୍ୟାପ୍ତ । ଯେପରି ଯୀଶୁ ମସିହ ଆ:ସ ହଜୁର ସ:ଆ:ସଙ୍କ ସମ୍ପର୍କରେ ଭବିଷ୍ୟବାଣୀ କରିଥିଲେ ଯେ "ଯେତେବେଳେ ସେହି ପ୍ରକୃତ ତଥା ସତ୍ୟାଆତ୍ମାର ଆଗମନ ଘଟିବ ସେତେବେଳେ ତା ସହିତ ପୂର୍ଣ୍ଣ ସତ୍ୟତା ମଧ୍ୟ ଆସିବ" । ***(ୟୁହନ୍ନା ଅଧ୍ୟାୟ ୧୬ ଆୟତ ସଂଖ୍ୟା ୧୨-୧୩)*** ହଜ୍‌ରତ୍ ଉମର୍ ର:ଅଙ୍କ ଘଟଣାବଳୀକୁ ଅଧ୍ୟୟନ କଲେ ସେହି ବଳକା ଦୁଗ୍ଧର ସତ୍ୟାସତ୍ୟ ସମ୍ପର୍କରେ ଜଣାପଡ଼ିପାରିବ ଯେ, ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ଯଶ ଓ ଆର୍ଶିବାଦରୁ ହିଁ (ସେହି ଦୁଗ୍ଧ ରୂପକ ଜ୍ଞାନକୁ) ପାନ କରିଥିଲେ । ***(ସହି ବୁଖାରୀ, ଅନୁବାଦ ଏବଂ ବ୍ୟାଖ୍ୟା ସୟଦ୍ ଜୈନୁଲ୍ ଆବେଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ୍ ଖଣ୍ଡ-୧, ପୃ-୧୫୬-୧୫୭)***

ହଜରତ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି ରସୁଲେ୍ କରିମ ସ:ଆ:ସଙ୍କ ସମ୍ମୁଖରେ ଏକଦା ହଜ୍‌ରତ୍ ଉମର୍ ର:ଅ ସ୍ୱପ୍ନାବସ୍ଥାରେ କ୍ଷୀରର ପାତ୍ର ପ୍ରାପ୍ତ ହେବାର ଚର୍ଚ୍ଚା କରାଗଲା ସେତେବେଳେ ହଜୁର ସ:ଆ:ସ କହିଲେ ଏହାର ଅର୍ଥ ହେଉଛି ଜ୍ଞାନ ଓ ଶିକ୍ଷା । ***(ଖୋତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୨୩, ପୃ-୪୬୭)***

ହଜରତ ଅବୁ ସଇଦ୍ ଖୁଦ୍‌ରୀ ର:ଅ ବର୍ଣ୍ଣନା କରନ୍ତି ଯେ ମୁଁ ହଜୁର ସ:ଆ:ସଙ୍କଠାରୁ ଶୁଣିଛି ଯେ ହଜୁର କହିଲେ ମୁଁ ଶୟନ ଅବସ୍ଥାରେ ଦେଖିଲି ଯେ ମୋ ସମ୍ମୁଖରେ କିଛି ଲୋକମାନେ ଉପସ୍ଥିତ ଅଛନ୍ତି ସେମାନେ କମିଜ୍ ପିନ୍ଧିଛନ୍ତି ତନ୍ମଧ୍ୟରୁ କେତେକଙ୍କର କମିଜ୍ ଛାତି ପର୍ଯ୍ୟନ୍ତ ପହଂଚିଛି ଏବଂ ଆଉ କେତେକଙ୍କର ଛାତି ତଳ ପର୍ଯ୍ୟନ୍ତ ପହଂଚି ରହିଛି । ହଜ୍‌ରତ୍ ଉମର୍ ର:ଅଙ୍କୁ ମଧ୍ୟ ମୋ ସମ୍ମୁଖରେ ଦେଖିବାକୁ ପାଇଲି ସେ ଯେଉଁ କମିଜ (ଜାମା) ପିନ୍ଧିଛନ୍ତି ତାହା ତଳେ ଘୁଷୁଡୁଛି ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ବାର୍ତାବହ! ଆପଣ ଏହାର ଅର୍ଥ କ'ଣ କରିବେ ? ହଜୁର ସ:ଆ:ସ କହିଲେ ଏହାର ଅର୍ଥ ହେଉଛି ଧର୍ମ । ***(ସହି ବୁଖାରୀ....... ହଦିସ୍-୩୬୯୧)*** ଏକ ଅବସରରେ ହଜୁର ସ:ଆ:ସ ବିଭିନ୍ନ ସାହାବାମାନଙ୍କର ବିଶେଷ ଗୁଣ ବର୍ଣ୍ଣନା କରି ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ପର୍କରେ କହିଲେ ଯେ ମୋର ସମ୍ପ୍ରଦାୟ ମଧ୍ୟରେ ଅଲ୍ଲାଃ ତାଲାଙ୍କ ଧର୍ମରେ ସମସ୍ତଙ୍କଠାରୁ ମଜ୍‌ଭୁତ୍ ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଉମର୍ ର:ଅ । ***(ସୁନନେ ଇବ୍‌ନେ ମାଜାଃ..... ହଦିସ୍-୧୫୪)***

ହଜରତ ମାଲିକ ବିନ୍ ମିଗ୍‌ୱଲ୍ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉମର୍ ର:ଅ କହିଲେ ତୁମର ହିସାବ ନିକାସ ହେବା ପୂର୍ବରୁ ତୁମେମାନେ ନିଜର ଆତ୍ମ ସମୀକ୍ଷା କରିନିଅ ପୁନଶ୍ଚ କହିଲେ, ତୁମେମାନେ ନିଜକୁ ତଉଲି ନିଅ ଏହା ପୂର୍ବରୁ କି ତୁମକୁ ତଉଲା ଯାଉ ଏବଂ ସବୁଠାରୁ ବଡ଼ କଥା ହେଉଛି ଏହା କି ସେହି ବଡ଼ ହିସାବ ନିକାସ ପାଇଁ ନିଜକୁ ପ୍ରସ୍ତୁତ କରିନିଅ । **ୟୋମଇଜିନ୍ ତୁରଜୁନା ଲା ତଖ୍‌ଫା ମିନ୍‌କୁମ୍ ଖାଫିୟତୁନ୍** ଅର୍ଥାତ ସେହି ଦିନ ତୁମକୁ ଉପସ୍ଥାପିତ କରାଯିବ ଏବଂ କୌଣସି ଗୋପନୀୟ ବସ୍ତୁ ତୁମଠାରୁ ଗୋପନ ରହିବନାହିଁ । ***(ଉସଦୁଲ୍ ଗାବାଃ ଫି ମାରିଫତିସ୍ ସାହାବା, ଖଣ୍ଡ-୪, ପୃ-୧୬୧........ ବେରୁତ ୨୦୦୩)***

ହଜରତ ହସନ୍ ଯେତେବେଳେ ବି ହଜ୍‌ରତ୍ ଉମର୍ ର:ଅଙ୍କ ଚର୍ଚ୍ଚା କରୁଥିଲେ ସେତେବେଳେ କହୁଥିଲେ ମୁଁ ଈଶ୍ୱରଙ୍କର ଶପଥ କରି କହୁଛି ଯେ ଯଦିଓ ହଜ୍‌ରତ୍ ଉମର୍ ର:ଅ ସର୍ବପ୍ରଥମେ ଇସ୍‌ଲାମ୍ ଧର୍ମଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ନଥିଲେ ନା ହିଁ ଅଲ୍ଲାଃ ତାଲାଙ୍କ ମାର୍ଗରେ ବ୍ୟୟ କରୁଥିବା ଲୋକମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ବ୍ୟକ୍ତି ଥିଲେ କିନ୍ତୁ ସେ ସଂସାର ପ୍ରତି ଅନାଶକ୍ତ ଭାବ ପ୍ରକାଶ କରୁଥିବା ବ୍ୟକ୍ତି ଥିଲେ ଏବଂ ଅଲ୍ଲାଃ ତାଲାଙ୍କ ଆଦେଶାବଳୀ ପ୍ରସଙ୍ଗରେ ଲୋକମାନଙ୍କ ଉପରେ କଠୋରତା ପ୍ରଦର୍ଶନ କରିବାରେ ଲୋକମାନଙ୍କ ମଧ୍ୟରେ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ଏବଂ ଅଲ୍ଲାଃ ତାଲାଙ୍କ ସମ୍ପର୍କରେ କୌଣସି ନିନ୍ଦାକାରୀ ନିନ୍ଦା ଓ ଅପବାଦକୁ ଭ୍ରୂକ୍ଷେପ କରୁନଥିଲେ । ***(ମୁସନ୍ନିଫ୍ ଇବ୍‌ନେ ଅବି ଶୈବାଃ କିତାବୁଲ୍ ଫଜାଇଲ୍, ଖଣ୍ଡ-୧୧, ପୃ-୧୨୦....... ହଦିସ୍-୩୨୫୪୬.... ରିୟାଜ୍ ୨୦୦୪)***

ହଜରତ ସାଆଦ୍ ବିନ୍ ଅବି ୱକାସ ବର୍ଣ୍ଣନା କରନ୍ତି: ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରଥମ ତ ନଥିଲେ କିନ୍ତୁ ମୁଁ ଜାଣିନେଇଛି ଯେ ସେ କେଉଁଥିରେ ଆମମାନଙ୍କ ଅପେକ୍ଷା ଉତ୍କୃଷ୍ଟତର ବ୍ୟକ୍ତି ଥିଲେ ଏବଂ ତାହା ଥିଲା ଏହା କି ହଜ୍‌ରତ୍ ଉମର୍ ର:ଅ ଆମମାନଙ୍କ ଅପେକ୍ଷା ସର୍ବାଧିକ ଧର୍ମପରାୟଣ ଓ ନୈଷ୍ଠିକ ଓ ସାଂସାରିକ ମୋହମାୟା ପ୍ରତି ଅନାଶକ୍ତ ଥିଲେ । ***(ମୁସନ୍ନିଫ୍ ଇବ୍‌ନେ ଅବି ଶୈବାଃ...... ଖଣ୍ଡ-୧୧, ପୃ-୧୨୧ ହଦିସ୍-୩୨୫୪୮..... ରିୟାଜ୍ ୨୦୦୪)***

ହିଶାମ୍ ବିନ୍ ଉରୁୱା ନିଜ ବାପାଙ୍କଠାରୁ ବର୍ଣ୍ଣନା କରିଛନ୍ତି ସେ କୁହନ୍ତି: ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ସିରିୟା ଆସିଲେ ସେତେବେଳେ ତାଙ୍କ କମିଜ୍ ଅର୍ଥାତ ଜାମାର ପଛଭାଗ ଫାଟି ଚିରି ଯାଇଥିଲା ଓ ତାହା ଏକ ମୋଟା ସୁମ୍ବଲାନି କମିଜ୍ ଥିଲା ଅର୍ଥାତ ଏଭଳି କମିଜ୍ ଯାହାର ଦୀର୍ଘତା ଭୂମିକୁ ସ୍ପର୍ଶ କରୁଥିଲା ଏବଂ ଏହି ପ୍ରକାର କମିଜ ଅର୍ଥାତ ଜାମା ରୋମ ଆଡ଼କୁ ମଧ୍ୟ ଇଙ୍ଗିତ କରାଯାଇଥାଏ । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅ ସେହି କମିଜ୍‌କୁ ଯାଏଲା କିମ୍ବା ଉବୈଲା ବାସୀଙ୍କ ଆଡ଼କୁ ପ୍ରେରଣ କରିଥିଲେ । ଏଗୁଡ଼ିକ ମଧ୍ୟ ସିରିୟାର ଏକ ସହର ଯାହାକି କୁଲ୍‌ଜୁମ୍ ସମୁଦ୍ର ଉପକୂଳରେ ଉପସ୍ଥିତ । ସେ ଯାହା ହେଉ ନା କାହିଁକି ବର୍ଣ୍ଣନାକାରୀ କୁହନ୍ତି ସେ ସେହି କମିଜ୍‌କୁ ଧୋଇଲେ ଏବଂ ତହିଁରେ ସିଲେଇ ପକାଇଲେ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ ସକାଶେ କୁବ୍‌ତୁରୀ କମିଜ୍ ମଧ୍ୟ ପ୍ରସ୍ତୁତ କରିଦେଲେ । କୁବ୍‌ତୁରୀ ହେଉଛି କତାନ୍‌ରୁ ପ୍ରସ୍ତୁତ ହୋଇଥିବା ଧବଳ ବର୍ଣ୍ଣର ଏକ ସୂକ୍ଷ୍ମ ବସ୍ତ୍ର ପୁନଶ୍ଚ ଏହାପରେ ଉଭୟ କମିଜକୁ ଧରି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଆସିଲେ ଓ ହଜରତ ଉମର ର:ଅଙ୍କ ଆଗରେ କୁବ୍‌ତୁରୀ କମିଜ ଉପସ୍ଥାପିତ କରାଗଲା । ହଜ୍‌ରତ୍ ଉମର୍ ର:ଅ ଉକ୍ତ କମିଜଟିକୁ ଧରିଲେ ଏବଂ ତାକୁ ସ୍ପର୍ଶ କରି କହିଲେ, ଏହି ବସ୍ତ୍ରଟି ଅଧିକ କୋମଳ ଏହାକୁ ସେହି ବ୍ୟକ୍ତି ଆଡ଼କୁ ଫିଙ୍ଗି ଦେଇ କହିଲେ ମତେ ମୋର କମିଜ ଦେଇ ଦିଅ କାରଣ ମୋର ସେହି ମରାମତି କରିଥିବା ଚିରାଫଟା କମିଜଟି ଅନ୍ୟ କମିଜ ତୁଳନାରେ ଝାଳକୁ ଅଧିକ ଶୋଷିଥାଏ । ଏହା ହିଁ ମୋ ପାଇଁ ଅଧିକ ଉତ୍କୃଷ୍ଟତର ଉତମ ଅଟେ । ***(ମୁସନ୍ନିଫ୍ ଇବ୍‌ନେ ଅବି ଶୈବାଃ...... ଖଣ୍ଡ-୧୧, ପୃ-୫୮୦-୫୮୧ ହଦିସ୍-୩୪୪୨୭) (ତାଜୁଲ୍ ଉରୁସ୍ ଜେରେମାଦାଃ ସୁମ୍ବଲ୍)***

ହଜରତ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରନ୍ତି: ମୁଁ ହଜ୍‌ରତ୍ ଉମର୍ ର:ଅଙ୍କୁ ସେତେବେଳେ ଦେଖିଲି ଯେତେବେଳେ ସେ ଅମିରୁଲ୍ ମୁମିନିନ୍ ପଦରେ ଅଧିଷ୍ଠିତ ଥିଲେ । ତାଙ୍କ କାନ୍ଧ ମଧ୍ୟରେ ତିନୋଟି ଚମଡ଼ାର ତାଳି ଅର୍ଥାତ ସିଲାଇ ପଡ଼ିଥିଲା (ଅର୍ଥାତ ତାଙ୍କ ବସ୍ତ୍ର ଉପରେ) ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ହଜରତ ଅନସ୍ ବିନ୍ ମାଲିକ ର:ଅ ବର୍ଣ୍ଣନା କରନ୍ତି ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ କାନ୍ଧ ମଧ୍ୟରେ ଚାରୋଟି ଚମଡ଼ାର ସିଲେଇ ଅର୍ଥାତ ତାଳି ପଡ଼ିଥିବାର ଦେଖିଲି ।

***(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୨୪୯............ ଲେବ୍‌ନାନ୍ ୧୯୯୦)***

ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀର ଆଲୋଚ୍ୟ ଚର୍ଚ୍ଚାଟି ବର୍ତମାନ ଅବ୍ୟାହତ ରହିଛି ଏହାର ଅବଶିଷ୍ଟାଂସ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ଚର୍ଚ୍ଚା କରିବି ।

ବର୍ତ୍ତମାନ ମୁଁ ଜଣେ ମରହୁମ୍ ଅର୍ଥାତ ମୃତବ୍ୟକ୍ତିଙ୍କ ଚର୍ଚ୍ଚା କରିବି ଏବଂ ଜୁମା ନମାଜ ପରେ ଇନ୍‌ଶାଅଲ୍ଲାଃ ତାଙ୍କର ନମାଜ ଯନାଜାଃ ମଧ୍ୟ ପଢ଼ାଇବି । ସେହି ଯନାଜାଃ ହେଉଛି ସ୍ୱର୍ଗତ ସମ୍ମାନନୀୟ ଡ଼ାକ୍ତର ତାସିର୍ ମୁଜ୍‌ତବା ସାହେବଙ୍କର । ସେ ଫଜଲେ ଉମର ଡ଼ାକ୍ତରଖାନାର ଜଣେ ଦକ୍ଷ ଡ଼ାକ୍ତର ଥିଲେ ବିଗତ ଦିନ ୭୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିଲେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଲା ।

ଡ଼ାକ୍ତର ସାହେବଙ୍କ ବଂଶରେ ଅହେମଦୀୟତ ତାଙ୍କର ପିତାଙ୍କ କଜିନ୍ ସୟଦ ଫଖ୍‌ରୁଲ୍ ଇସ୍‌ଲାମ୍ ସାହେବ ଯିଏକି ହଜରତ ମସିହ ମଉଦ ଆ:ସଙ୍କ ସାହାବି ଥିଲେ, ତାଙ୍କ ମାଧ୍ୟମରେ ଆସିଥିଲା । କିନ୍ତୁ ଡ଼ାକ୍ତର ତାସିର୍ ମୁଜ୍‌ତବା ସାହେବଙ୍କ ପିତା ଗୁଲାମ ମୁଜ୍‌ତବା ସାହେବ ନିଜର ଶିକ୍ଷାର୍ଥି ଜୀବନରେ ୧୯୩୮ ମସିହାରେ ବୟଏତ କରିଥିଲେ । ହଜରତ ଖଲିଫତୁଲ୍ ମସିହ ସାଲିସ୍ ରହେମୁଲ୍ଲାଃ ଯେତେବେଳେ ନୁସ୍‌ରତ୍ ଜାହାଁ ସ୍କିମ୍ ଅନ୍ତର୍ଗତ ୱକ୍‌ଫ୍ ଅର୍ଥାତ ଜୀବନ ଉତ୍ସର୍ଗ କରିବା ପାଇଁ ଆହ୍ୱାନ ଦେଲେ ସେତେବେଳେ ତାଙ୍କର ପିତା ଗୁଲାମ୍ ମୁଜ୍‌ତବା ସାହେବ କରାଚିରେ ସିଭିଲ୍ ସର୍ଜନ ଭାବରେ ଦାୟିତ୍ୱ ତୁଲାଉଥିଲେ । ୧୯୭୦ ମସିହାରେ ସେ ସେଠାରୁ ଅବସର ନେଲେ ଏବଂ ନିଜକୁ ୱକ୍‌ଫ କରି ଜମାତ୍‌ର ସେବା ସମ୍ପାଦନ କରିବା ପାଇଁ ଆଫ୍ରିକା ଚାଲିଯାଇଥିଲେ ଏବଂ ୧୯୯୯ ମସିହା ପର୍ଯ୍ୟନ୍ତ ସେଠାରେ ଅର୍ଥାତ ଘାନା, ନାଇଜେରିଆ

ଓ ସେରିଲିଓନ୍‌ରେ ରହି ନିଜର ସେବା ସମ୍ପାଦନ କରିଥିଲେ । ଡ଼ାକ୍ତର ତାସିର୍ ମୁଜ୍‌ତବା ସାହେବ ମଧ୍ୟ ନିଜର ଶିକ୍ଷା ସମାପ୍ତ କରିସାରିବା ପରେ ସେନାସ୍ଥିତ ମେଡ଼ିସିନ୍ ବିଭାଗରେ କିଛି କାଳ ଅର୍ଥାତ ବର୍ଷେ ଦୁଇ ବର୍ଷ କାମ କରିଥିଲେ । ପୁନଶ୍ଚ କରାଚୀର ସିଭିଲ୍ ହସ୍ପିଟାଲ୍‌ରେ କାର୍ଯ୍ୟ କରିଥିଲେ ପୁଣି ଜିନାହ୍ ହସ୍‌ପିଟାଲ୍ କରାଚିରେ କିଛି ବର୍ଷ କାମ କଲେ ଏହାପରେ ସେ ୧୯୮୨ ମସିହାରେ ତିନିବର୍ଷ ପାଇଁ ନିଜକୁ ଓ୍ବକ୍‌ଫ କରିଥିଲେ ଫଳତଃ ତାଙ୍କୁ ଘାନା ସ୍ଥିତ ଏକ ଟିଚିମାନ୍ ହସ୍ପିଟାଲକୁ ପ୍ରେରଣ କରିଦିଆଯାଇଥିଲା । ଏହାପରେ ଅସୋକୋରେ (Asokore) ହସ୍ପିଟାଲ୍‌ରେ ସେବା କରିବାର ସେ ସୌଭାଗ୍ୟ ଲାଭ କରିଥିଲେ । ଏହି ହସ୍ପିଟାଲ୍‌ଟି ତାଙ୍କ ପିତାଙ୍କର ଦ୍ୱାରା ହିଁ ଆରମ୍ଭ ହୋଇଥିଲା ସେ ନିଜ ପିତାଙ୍କ ସହିତ ସେଠାରେ ତିନିବର୍ଷ କାଳ କାର୍ଯ୍ୟ କରିଥିଲେ ଏବଂ ତାଙ୍କଠାରୁ ହିଁ ସର୍ଜରୀ ଅର୍ଥାତ ସଲ୍ୟଚିକିତ୍ସା ଶାସ୍ତ୍ର ଶିକ୍ଷା କଲେ । ଡ଼ାକ୍ତର ତାସିର୍ ମୁଜ୍‌ତବା ସାହେବ ଜଣେ ଭଲ ସଲ୍ୟ ଚିକିତ୍ସକ ଥିଲେ । ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜ୍‌ତବା ସାହେବଙ୍କୁ ପ୍ରାୟ ୨୩ ବର୍ଷ କାଳ ସେବା ସମ୍ପାଦନ କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ତା'ପରେ ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜ୍‌ତବା ସାହେବଙ୍କୁ ୧୭ ବର୍ଷ କାଳ ପର୍ଯ୍ୟନ୍ତ ରବୱା ସ୍ଥିତ ଫଜ୍‌ଲେ ଉମର ହସ୍ପିଟାଲ୍‌ରେ ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । ଏହିପରି ଭାବରେ ପ୍ରାୟ ୪୦ ବର୍ଷ କାଳ ସେ ଯମାତ୍‌ର ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

ଡ଼ାକ୍ତର ତାସିର୍ ମୁଜ୍‌ତବା ସାହେବଙ୍କର ବିବାହ ସୟଦ୍ ଦାଉଦ୍ ମୁଜଫର୍ ଶାହ ସାହେବ ଏବଂ ସାହେବଜାଦି ଅମ୍ତୁଲ୍ ହକିମ୍ ସାହେବଙ୍କ କନ୍ୟା ଆୟୁଶ୍ମତି ଅମ୍ତୁର୍ ରଉଫ୍ ସାହେବଙ୍କ ସହିତ ହୋଇଥିଲା । ସାହେବଜାଦି ଅମତୁଲ୍ ହକିମ୍ ସାହିବା ହଜରତ ମୁସ୍‌ଲେହ ମଉଦ ର:ଅଙ୍କର ସୁପୁତ୍ରୀ ଥିଲେ । ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜ୍‌ତବା ସାହେବଙ୍କର ଗୋଟିଏ ପୁତ୍ର ଏବଂ ଗୋଟିଏ କନ୍ୟା ସନ୍ତାନ ଅଛନ୍ତି ତାଙ୍କ ଝିଅ ହେଉଛନ୍ତି ମୋର ବୋହୂ ।

ତାଙ୍କର ପତ୍ନୀ ଅମ୍ତୁର୍ ରଉଫ୍ ସାହିବା କୁହନ୍ତି ମୁଁ ଯେତେବେଳେ ମୋ ସ୍ୱାମୀଙ୍କୁ ଅସୁସ୍ଥ ଦିନରେ ସାକ୍ଷାତ କରିବାକୁ ଯାଉଥିଲି ସେତେବେଳେ ସେ ମତେ କହୁଥିଲେ ହଜୁର ଅ:ବ:ଅଙ୍କୁ ମୋର ସଲାମ୍ ଜଣାଇବ ତେଣୁ ସେ ମତେ ସଲାମ୍ ଜଣାଉଥିଲେ ପୁଣି ସେ କହିଛନ୍ତି ଯେ ଏଥର ତାଙ୍କ ସଲାମ୍ ଜଣାଇବାର ଢ଼ଙ୍ଗ ଭିନ୍ନ ପ୍ରକାରର ଥିଲା ଓ ମତେ ଏଭଳି ଲାଗୁଥିଲା ଯେଭଳି ଏହା ତାଙ୍କର ଶେଷ ବିଦାୟ ମୂଳକ ସଲାମ୍ । ପୁନଶ୍ଚ ଅମ୍ତୁର୍ ରଉଫ୍ ସାହିବା ଉଲ୍ଲେଖ କରନ୍ତି ଏକଦା ମୋ ସ୍ୱାମୀ ଘାନାରେ ବହୁତ ଅସୁସ୍ଥ ହୋଇପଡ଼ିଲେ । ଅତ୍ୟନ୍ତ କଷ୍ଟରେ ସେ ରାତ୍ରି ଯାପନ କଲେ ଓ ତାଙ୍କର ଅବସ୍ଥା ବହୁତ ସଙ୍କଟାପନ୍ନ ଥିଲା । ଫଜର୍ ସମୟରେ କହିଲେ କେହି ଜଣେ ସଲାମ୍ କହି ଡ଼ାକୁଛନ୍ତି ଦେଖ କିଏ ଅଛି ? ମୁଁ ତାଙ୍କୁ ଉତର ଦେଲି ଯେ, କବାଟ ତ' ବନ୍ଦ ଅଛି ଭିତରକୁ କେହି ପ୍ରବେଶ କରିପାରିବେ ନାହିଁ । ଗୋଟିଏ ଘଂଟା ପରେ ସେ ମତେ ପୂର୍ନବାର କହିଲେ ମତେ ସଲାମ୍‌ର ସ୍ୱର ଆସୁଛି କେହି ଜଣେ ସଲାମ୍ କରୁଛନ୍ତି । ଏହାପରେ ଅଲ୍ଲାଃ ତାଲାଙ୍କ କୃପାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଲା ଏବଂ ସେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇଗଲେ । ତାଙ୍କର ପତ୍ନୀ କୁହନ୍ତି ଏହିପରି ଭାବରେ ମୁଁ ଡ଼ାକ୍ତର ସାହେବଙ୍କ ପାଇଁ ଦୁଆ ମଧ୍ୟ କଲି । ପୁଣି ମତେ ଘାନାରେ ବତାଯାଇଥିଲା ଯେ ସେ ଦୀର୍ଘାୟୁ ହେବେ । ତାଙ୍କ ପତ୍ନୀ କୁହନ୍ତି ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜ୍‌ତବା ସାହେବ ଅତ୍ୟନ୍ତ ବିନମ୍ର ଓ ନିଃସ୍ୱାର୍ଥପର ବ୍ୟକ୍ତି ଥିଲେ ଓ ଜଣେ ନିରୀହ ସ୍ୱଭାବର ବ୍ୟକ୍ତି ଥିଲେ । ସେ କେବେ କୌଣସି ବ୍ୟକ୍ତିର ଚୁଗୁଲି କିମ୍ବା ଅଭିଯୋଗ କରିନାହାନ୍ତି ଯଦି ତାଙ୍କ ଆଗରେ କେହି କୌଣସି ବ୍ୟକ୍ତିର ଚୁଗୁଲି କରୁଥିଲା ତେବେ ସେ ସମ୍ପୂର୍ଣ୍ଣ ରୂପେ ନୀରବ ରହୁଥିଲେ ।

ଡ଼ାକ୍ତର ତାସିର୍ ମୁଜତବା ସାହେବଙ୍କର ଭାଇ ଲେଖିଛନ୍ତି ଆମେମାନେ ଦେଖିଛୁ ଯେ ଆମ ଭାଇ ଛୁଟି ପରେ ମଧ୍ୟ ରୋଗୀମାନଙ୍କର ଦେଖାଶୁଣା କରୁଥିଲେ ଏବଂ କହୁଥିଲେ ଡ଼ାକ୍ତରମାନେ ରୋଗୀମାନଙ୍କୁ ହସ୍ପିଟାଲ୍‌ରେ କମ୍ ସମୟ ଦେଖିଥାନ୍ତି ତେଣୁ ରୋଗୀମାନେ ହସ୍ପିଟାଲ୍‌ରୁ ବିନା ଚିକିତ୍ସାରେ ଫେରିଯିବା ପରିବର୍ତେ ମୁଁ ରୋଗୀମାନଙ୍କୁ ଦେଖି ନେଉଛି ଯଦ୍ୱାରା ଅନ୍ୟ ଡ଼ାକ୍ତରମାନଙ୍କ ଉପରୁ ବୋଝ କମିଯିବ ଅର୍ଥାତ ସେମାନଙ୍କ ଭାର କମିଯିବ । ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜତବା ସାହେବ ଅତ୍ୟନ୍ତ ପୂଣ୍ୟ ସ୍ୱଭାବର ବ୍ୟକ୍ତି ଥିଲେ, କମ୍ କଥାଭାଷା କରୁଥିବା ନିରୀହ ବ୍ୟକ୍ତି । ହସ୍ପିଟାଲ୍‌ରେ ଥିବା ସିକ୍ୟୁରିଟି କର୍ମଚାରୀ ଏବଂ ଅନ୍ୟ କର୍ମଚାରୀମାନେ ମଧ୍ୟ କୁହନ୍ତି ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁସ୍ତବା ସାହେବ ଆମମାନଙ୍କ ଓ ରୋଗୀମାନଙ୍କ ପ୍ରତି ସର୍ବଦା ସ୍ମିତ ହାସ୍ୟ ପ୍ରକାଶ କରିଥାନ୍ତି ଓ ଆମମାନଙ୍କର ହାଲଚାଲ ପଚାରି ବୁଝୁଥିଲେ । ସାଧାରଣତଃ ରୋଗୀମାନଙ୍କ ସହିତ ଓ ବିଶେଷ କରି ଅହେମଦୀମାନଙ୍କ ପ୍ରତି ସେ ଉତମ ବ୍ୟବହାର ପ୍ରଦର୍ଶନ କରୁଥିଲେ ଯଦି ତାଙ୍କ ନିକଟକୁ କୌଣସି ରୋଗୀ ହସ୍ପିଟାଲ ସମୟ ବ୍ୟତିତ ଆସି ପହଂଚି ଯାଉଥିଲା ତେବେ ସେ ବିନା କୌଣସି ଫିସ୍ ନେଇ ତାଙ୍କର ଚେକଅପ୍ କରୁଥିଲେ । ଜାମିୟା ଅହେମଦୀୟା ରବୁଓ୍ୱାର ପ୍ରିନ୍ସିପାଲ୍ ମୁବଶିର୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି; କେତେକ ସମୟରେ ତାଙ୍କ ସହିତ ମତେ ବସାଉଠା କରିବାର ଅବସର ମିଳିଥିଲା ସେ ଅତ୍ୟନ୍ତ କମ୍ କଥା କହୁଥିବା ଲୋକ ଥିଲେ । ସୁନ୍ଦରତାର ସହିତ, ପ୍ରେମର ସହିତ ଓ ବିନିତ ଭାବ ସହିତ କଥାଭାଷା କରୁଥିବା ବ୍ୟକ୍ତି ଥିଲେ । ଏଭଳି ବିନୟ ସ୍ୱଭାବ ରଖିଥିବା ଓ ବିନମ୍ରତା ଓ ସରଳ ବ୍ୟକ୍ତି ଖୁବ୍ କମ୍ ଦେଖିବାକୁ ମିଳିଥାନ୍ତି । ସେ କୁହନ୍ତି ମୁଁ ହସ୍ପିଟାଲ୍‌ରେ ମଧ୍ୟ ଗରୀବ ଲୋକମାନଙ୍କ ନିକଟରୁ ଓ ଅନ୍ୟ ଲୋକମାନଙ୍କଠାରୁ ମଧ୍ୟ ଏହା ଶୁଣିବାକୁ ପାଇଛି ଏବଂ ଏମିତି ଘଟଣା ସବୁ ଶୁଣିଛି ଯାହାକୁ ଶୁଣି ମୁଁ ଗର୍ବିତ ଓ ଆନନ୍ଦିତ ଯେ ହସ୍ପିଟାଲ୍‌ରେ ଏଭଳି ବି ଡ଼ାକ୍ତର ଅଛନ୍ତି । ଯେପରି କି ମୁଁ ପୂର୍ବେ ଚର୍ଚ୍ଚା କରି ଆସିଲି ଯେ ଡ଼ାକ୍ତର ତାସିର୍ ମୁଜତବା ସାହେବ ହସ୍ପିଟାଲରୁ ଡ଼ାକ୍ତରମାନେ ଚାଲିଯିବା ପରେ ମଧ୍ୟ ରୋଗୀମାନଙ୍କର ଦେଖାଶୁଣା କରୁଥିଲେ ଓ ସେମାନଙ୍କର ଚିକିତ୍ସା କରୁଥିଲେ । କାମ ସାରି ବାହାରକୁ ଯାଉଥିବା ସମୟରେ ଯଦି କୌଣସି ରୋଗୀ ଆସି ପହଂଚୁଥିଲା ତେବେ ସେ ସେହି ରୋଗୀକୁ ଧରି ନିଜ କୋଠରୀ ମଧ୍ୟକୁ ନେଇ ଚାଲିଯାଉଥିଲେ ଏପରି ମନେ ହେଉଥିଲା ଯେପରି ସେ ସେହି ରୋଗୀର ପ୍ରତିକ୍ଷାରେ ରହିଥିଲେ । ସେ ଅଭାବି ତଥା ଦରିଦ୍ରମାନଙ୍କର ପ୍ରତିପାଳକ ଓ ଭରଣପୋଷଣକାରୀ ଥିଲେ ।

ଜର୍ମାନୀର ହ୍ୟୁମାନିଟି ପାଷ୍ଟର ଚେୟାରମ୍ୟାନ୍ ଅତ୍‌ହର୍ ଜୁବୈର୍ ସାହେବ କୁହନ୍ତି; ମୁଁ ୨୦୦୪ ମସିହାରେ ଯେତେବେଳେ ଆଫ୍ରିକା ଗସ୍ତରେ ଯାଇଥିଲି ସେତେବେଳେ ଘାନାରେ ମଧ୍ୟ ଓ ବାକି ସ୍ଥାନଗୁଡ଼ିକୁ ମଧ୍ୟ ପୁଣି ବେନିନ୍‌ରେ ମଧ୍ୟ ଡ଼ାକ୍ତର ସାହେବ ମୋ ସହିତ ଗସ୍ତରେ ଯାଇଥିଲେ । ଅତ୍‌ହର୍ ଜୁବୈର୍ ସାହେବ କୁହନ୍ତି ଡ଼ାକ୍ତର ସାହେବଙ୍କର ଦୃଷ୍ଟି ଜଣେ ମହିଳା ଉପରେ ପଡ଼ିଲା ସେହି ମହିଳା ଜଣକ ଅସ୍ତବ୍ୟସ୍ତ ହେଉଥିଲେ । ଡ଼ାକ୍ତର ସାହେବ ମତେ କହିଲେ, ଉକ୍ତ ମହିଳାଙ୍କୁ ପଚାର ତାଙ୍କର କ'ଣ ହେଉଛି ? ସେହି ମହିଳାଜଣକ କହିଲେ ମୁଁ ହଜରତ ଖଲିଫତୁଲ୍ ମସିହଙ୍କୁ ଭେଟିବାକୁ ଆସିଥିଲି । ମୋ ପାଖରେ ଯାହା କିଛି ସମ୍ବଳ ଥିଲା ସବୁ ଖର୍ଚ୍ଚ ହୋଇଯାଇଛି ବର୍ତମାନ ଘରକୁ ଫେରିବା ପାଇଁ ମଧ୍ୟ ମୋ ନିକଟରେ ପଇସା ନାହିଁ । ଡ଼ାକ୍ତର ସାହେବ କହିଲେ ଆଚ୍ଛା ତାଙ୍କୁ ୩୦ ହଜାର ଫ୍ରାଙ୍କ ସିଫା ଦେଇଦିଅ । ବର୍ତମାନ ସମୟରେ ସେହି ଟଙ୍କାର ମୂଲ୍ୟ ଜଣେ ସାଧାରଣ ଲୋକର ଏକ ମାସ ଦରମା ସହିତ ସମାନ ହେବ । ଯାହାକୁ ଡ଼ାକ୍ତର ସାହେବ ତାଙ୍କୁ ଯଥା ଶିଘ୍ର ପଇଠ କରିଦେଇଥିଲେ ।

ହନିଫ୍ ମେହ୍‌ମୁଦ୍ ସାହେବ ଉଲ୍ଲେଖ କରନ୍ତି ଯେ ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜତବା ସାହେବ ଅତ୍ୟନ୍ତା ମଧ୍ୟମତା ଅବଲମ୍ବନକାରୀ ଏବଂ ବିନୟ ସ୍ୱଭାବର ବ୍ୟକ୍ତି ଥିଲେ । ଓ୍ୱାକିଫିନ୍ ଅର୍ଥାତ ଜମାତର ସେବା ପାଇଁ ଜୀବନ ଉତ୍ସର୍ଗ କରିଥିବା ଲୋକମାନଙ୍କ ସହିତ ଅତ୍ୟନ୍ତ ପ୍ରେମ ଓ ଆନ୍ତରିକତା ମୂଳକ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଏକଦା ତାଙ୍କର ପତ୍ନୀ ଅସୁସ୍ଥ ହୋଇଗଲେ ସେତେବେଳେ ଡ଼ାକ୍ତର ସାହେବ ତାଙ୍କର ଚିକିତ୍ସା କଲେ ଏବଂ କହିଲେ ଆମେମାନେ ସେମିତି ପରାମର୍ଶ ପାଇଁ ଯାଇଥିଲୁ ଡ଼ାକ୍ତର ସାହେବ କହିଲେ ପର୍ଚି (ଉପଚାର ନିମନ୍ତେ ଡ଼ାକ୍ତରଖାନାରୁ ପ୍ରାପ୍ତ କରାଯାଇଥିବା କାଗଜ) କାଇଁ ? ଆମେ କହିଲୁ ପର୍ଚି ଆଣିନାହୁଁ । ସୁତରାଂ ଡ଼ାକ୍ତର ସାହେବ ଯଥାଶିଘ୍ର ନିଜର ସହାୟକକୁ ଡ଼କାଇଲେ ଏବଂ ନିଜ ପକେଟରୁ ଶହେଟଙ୍କା କାଢ଼ି ତାଙ୍କୁ ଦେଲେ କହିଲେ ଯାଅ ୟାଙ୍କର ପ୍ରେସକ୍ରିପସନ ତିଆରି କରିନେଇ ଆସ ଏବଂ ଆମ କହିବା ସତ୍ୱେ ମଧ୍ୟ ସେ ପଇସା ନେଲେ ନାହିଁ । ସେ କୁହନ୍ତି ଯେ, ନୀରିହ ଚେହେରା ରଖିଥିବା ମଣିଷ ରୂପରେ ଜଣେ ଚଳନ୍ତି ଦେବଦୂତ ଥିଲେ ସେ । ସ୍ୱର୍ଗତ ନୀରବ ଓ ଧିରତ୍ୱ ସ୍ୱଭାବର ବ୍ୟକ୍ତି ଥିଲେ । ମସ୍‌ଜିଦ୍ ମୁବାରକକୁ ଯେତେବେଳେ ନମାଜ ପଢ଼ିବାକୁ ଆସୁଥିଲେ ଯେ ଅତ୍ୟନ୍ତ ନୀରବତାର ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ନମାଜ ପାଠ କରୁଥିଲେ ।

ୟୁ.କେ ରେ ରହୁଥିବା ୟୁରୋଲୋଜିଷ୍ଟ ଡ଼ାକ୍ତର ମୁଜ୍‌ଫର୍ ଚୌଧୁରୀ ସାହେବ ସେଠାକୁ ଓ୍ୱକ୍‌ଫେ ଆର୍ଜି ପାଇଁ ଯାଇଥିଲେ ସେ କୁହନ୍ତି:- ଡ଼ାକ୍ତର ସାହେବ ଅତ୍ୟନ୍ତ ଧିରସ୍ଥିରି ସ୍ୱଭାବର ବ୍ୟକ୍ତି ଥିଲେ ଅତ୍ୟନ୍ତ ବିନମ୍ର ଓ ସହାନୁଭୂତିକ ବ୍ୟକ୍ତି ଥିଲେ । ନୂଆ ନୂଆ ବସ୍ତୁ ଶିଖିବାର ଓ ଲୋକମାନଙ୍କୁ ସାହାଯ୍ୟ କରିବାର ପ୍ରବଳ ଆଗ୍ରହ ଓ ଉତ୍କଣ୍ଠା ତାଙ୍କ ମଧ୍ୟରେ ରହିଥିଲା । ମୁଁ ଯେତେବେଳେ ଓ୍ୱକ୍‌ଫେ ଆର୍ଜି ପାଇଁ ଗଲି ସେତେବେଳେ ମୁଁ ତାଙ୍କ କାର୍ଯ୍ୟାଳୟରେ ବସିଥିଲି ସେ ନିଜର ଚୌକିରେ ମତେ ବସାଇଲେ ଏବଂ ମୋର ଜୋର୍ ଦେବା ସତ୍ୱେ ମଧ୍ୟ ସେ ନିଜ ଚଉକିରୁ ଉଠିଯାଇ ଅନ୍ୟ ଆସନରେ ବସିଥିଲେ ।

ରବୁଓ୍ୱାର ଓ୍ୱକିଲୁଲ୍ ମାଲ୍ ଅଓ୍ୱଲ୍ ତହ୍‌ରିକେ ଜଦିଦ୍ ଲୋକମାନ୍ ସାହେବ କୁହନ୍ତି ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜତବା ସାହେବ ଅନେକ ସୁଗୁଣର ଅଧିକାରି ଥିଲେ, ଆର୍ଥିକ ବଳିଦାନର ବିଶେଷ ଆଗ୍ରହ ରଖୁଥିଲେ । ଲୋକମାନ୍ ସାହେବ କୁହନ୍ତି ସେ ଯେବେଠାରୁ ପାକିସ୍ତାନ ଆସିଲେଣି ତହ୍‌ରିକେ ଯଦିଦ୍‌ର ଚାନ୍ଦା ପ୍ରତ୍ୟେକ ବର୍ଷ ପ୍ରଥମ ସମୟରେ ତହ୍‌ରିକ୍ ଜଦିଦ୍ ଘୋଷଣା ହେବା ପରେ ତୁରନ୍ତ ସ୍ୱୟମ କାର୍ଯ୍ୟାଳୟକୁ ଆସି ଦଫ୍‌ତର୍ ମାଲ୍ ଅଓ୍ୱଲ୍‌ରେ ନିଜର ଚାନ୍ଦା ଜମା କରିଦେଉଥିଲେ । ପୁନଶ୍ଚ ଲୁକମାନ୍ ସାହେବ ଉଲ୍ଲେଖ କରନ୍ତି ଯେ, ଡ଼ାକ୍ତର ସାହେବଙ୍କର ଡ଼ାକ୍ତରି ବୃତି ଥିଲା କିନ୍ତୁ ସର୍ବଦା ମାନବତାର ସେବା ତାଙ୍କର ମୂଳ ଲକ୍ଷ୍ୟ ଥିଲା । ଏଲୋପ୍ୟାଥି ବ୍ୟତିତ ଯଦି ଆବଶ୍ୟକ ପଡୁଥିଲା ତା'ହେଲେ ହୋମିଓପାଥିକ ଔଷଧକୁ ଚିକିତ୍ସା କରିବା ନିମନ୍ତେ ଅଧିକ ଫଳପ୍ରଦ ମନେ କରୁଥିଲେ ଓ ସେ ହୋମିଓପାଥିକର ଚିକିତ୍ସା ମଧ୍ୟ କରୁଥିଲେ ।

ଡ଼ାକ୍ତର ନଇମ ସାହେବ ଯିଏ କି ଆଜିକାଲି ଓସାକୋରେ (Asokore) ହସ୍ପିଟାଲର ଇନ୍‌ଚାର୍ଜ ଅଛନ୍ତି ସେ କହିଛନ୍ତି:- ଡ଼ାକ୍ତର ତାସିର୍ ମୁଜତବା ସାହେବଙ୍କ ବିୟୋଗ କଥା ଶୁଣି ସମଗ୍ର ଅଂଚଳର ଲୋକମାନେ ସେଠାରେ ଆସି ପହଂଚିଥିଲେ ଏବଂ ଡ଼ାକ୍ତର ସାହେବଙ୍କ ସହିତ ସେମାନଙ୍କ ସମ୍ପର୍କ ଥିବା ଯୋଗୁଁ ଲୋକମାନେ ଅତ୍ୟନ୍ତ ମର୍ମାହତ ହୋଇଥିଲେ ଏବଂ ସମବେଦନା ଜ୍ଞାପନ କରିଥିଲେ । ସେ କୁହନ୍ତି ଡ଼ାକ୍ତର ସାହେବ ଅତ୍ୟନ୍ତ ସରଳ ସ୍ୱଭାବ, କମ୍ କଥା, ହେଉଥିବା ବ୍ୟକ୍ତି, ନିଜ କାର୍ଯ୍ୟରେ ନିମର୍ଜିତ ରହୁଥିବା ରହୁଥିବା ଅଭାବି ବ୍ୟକ୍ତିମାନଙ୍କର ପ୍ରତିପୋଷଣ କରୁଥିବା ଓ ଅତ୍ୟଧିକ ଅତିଥି ସତ୍କାରକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେହିପରି ସେ ସାଂସାରିକ ପୁସ୍ତକ ବ୍ୟତୀତ ଯମାତିୟ ପୁସ୍ତକ ଏବଂ ବିଶେଷତଃ ହଜରତ ମସିହ ମଉଦ ଆ:ସଙ୍କ ପୁସ୍ତକ ପଢ଼ିବାରେ ମଧ୍ୟ ଗଭୀର

*ଅବଶିଷ୍ଟାଂଶ ପୃଷ୍ଠା- ୧୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**ଅହେମଦୀମାନେ ଈଶ୍ୱରଙ୍କ ମାର୍ଗରେ ଏ ଚିନ୍ତାଧାରା ରଖି ଖର୍ଚ୍ଚ କରିଥାନ୍ତି ଯେ ସେମାନେ ହଜରତ ମସିହ ମଉଦ ଆ:ସଙ୍କ ମିଶନକୁ ସମ୍ପୂର୍ଣ୍ଣ କରିବା ପାଇଁ ସହାୟକ ହେବେ । ହଜରତ ମୁହମ୍ମଦ ସ:ଆ:ସଙ୍କ ଧ୍ୱଜାକୁ ସାରା ଦୁନିଆରେ ଉତୋଳନ କରିବେ ।**

**ତହ୍‌ରିକେ-ଏ-ଜଦିଦ୍‌ର ସତାଅଶୀତମ (୮୭) ବର୍ଷର ସଫଳ ଓ ଆଶିଷପୂର୍ଣ୍ଣ ସମାପ୍ତି ଏବଂ ଅଠାଅଶୀତମ (୮୮) ବର୍ଷର ଶୁଭାରମ୍ଭର ଘୋଷଣା**

**ଈଶ୍ୱରଙ୍କ କୃପାରୁ ତହ୍‌ରିକେ-ଏ-ଜଦିଦ୍‌ର ମାଲି ନିଜାମ୍ (ଆର୍ଥିକ ବ୍ୟବସ୍ଥା)ରେ ଜମାତ୍‌କୁ ୧୫.୩ ମିଲିୟନ୍ ପାଉଣ୍ଡର ଆର୍ଥିକ ବଳିଦାନ କରିବା ପାଇଁ ସୌଭାଗ୍ୟ ମିଳିଲା । ଏହା ଗତବର୍ଷ ତୁଳନାରେ ଆଠ ଲକ୍ଷ ବୟାଳିଶି ହଜାର ପାଉଣ୍ଡ ଅଧିକା ।**

**ଅଲ୍ଲାଃଙ୍କ କୃପାରୁ ଆମ ଜମାତ୍ ନିଜର ସୀମିତ ସାଧନ ଦ୍ୱାରା ଯେଉଁ କାର୍ଯ୍ୟ କରିବାକୁ ଆରମ୍ଭ କରିଥାଏ, ଅଲ୍ଲାଃ ତାଲା ସେଥିରେ ଏପରି ବର୍‌କତ୍ (ଆଶିଷ) ଢ଼ାଳିଦିଅନ୍ତି ଯେ ଦେଖିବା ଲୋକ ଭାବିଥାନ୍ତି ଯେ ସମ୍ଭବତଃ ଏହି କାର୍ଯ୍ୟରେ ବହୁ ମିଲିୟନ୍ ପାଉଣ୍ଡ ଖର୍ଚ୍ଚ ହୋଇଥିବ । କିନ୍ତୁ ସେମାନଙ୍କୁ ଜଣାନାହିଁ ଯେ ଏହା ସବୁ ଗରୀବ ଲୋକମାନଙ୍କର ଟଙ୍କା, ଯାହାକୁ ଅଲ୍ଲାଃ ତାଲା ବରକତ୍ ପ୍ରଦାନ କରିଥାନ୍ତି, ଫଳତଃ ଆମର ଛୋଟ ଛୋଟ କାମ ବି ବଡ଼ ଦେଖାଯାଇଥାଏ**

**ଅଲ୍ଲାଃ ତାଲା ଯେବେ ସାଂସାରିକ ବୈଭବ ପ୍ରଦାନ କରିଥାଏ ସେତେବେଳେ ଜଣେ ଅହେମଦୀ ଏକଥା ଅନୁଭବ କରିଥାଏ ଯେ ଏହା ସବୁ ମୋର କୌଣସି ସିଦ୍ଧତା ଯୋଗୁଁ ନୁହେଁ ବରଂ ଏହା ବଳିଦାନର ଫଳ । ଏମିତି ଚିନ୍ତାଧାରା ଜଣେ ଅହେମଦୀ ହିଁ କରିପାରେ ଅନ୍ୟ କୌଣସି ଲୋକକୁ ଏମିତି ଚିନ୍ତାଧାରା ଆସି ହିଁ ପାରିବ ନାହିଁ ।**

**ନୂଆ ଅହେମଦୀ ହୁଅନ୍ତୁ ବା ପୁରୁଣା, କିଏ ବି ହେଉ, ସେ ଯେତେବେଳେ ଶୁଣିଥାଏ ଯେ ଜମାତ୍ ଅହେମଦୀୟା କିପରି ଖର୍ଚ୍ଚ କରିଥାଏ ଓ କେଉଁଠାରେ ଖର୍ଚ୍ଚ କରିଥାଏ, ସେତେବେଳେ ଏହାର ଏକ ବିଶେଷ ପ୍ରଭାବ ପଡ଼ିଥାଏ, ଯେଉଁ ଯମାତ୍ ଗୁଡ଼ିକରେ ଏଥିପ୍ରତି ଧ୍ୟାନ କମ ଦିଆଯାଇଛି, ଯଦି ସେମାନେ ଧ୍ୟାନ ଦେବେ ଓ ଏହାର ଉଦ୍ଦେଶ୍ୟ ଓ ଗୁରୁତ୍ୱକୁ ଲୋକମାନଙ୍କ ନିକଟରେ ପହଂଚାଇବେ ତା'ହେଲେ ସେମାନଙ୍କର ଚାନ୍ଦା ବଢ଼ିପାରିବ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୦୫ ନଭେମ୍ବର ୨୦୨୧ ଅନୁଯାୟୀ ୦୫ ନବୁଓ୍ୱତ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ମୋମିନ୍‌ମାନଙ୍କର ଯେଉଁ ବିଶେଷତ୍ୱ ବର୍ଣ୍ଣନା କରିଛନ୍ତି ସେଥିମଧ୍ୟରୁ ଗୋଟିଏ ହେଉଛି ନିଜ ପବିତ୍ର ଅର୍ଥରୁ ଅଲ୍ଲାଃଙ୍କ ମାର୍ଗରେ ତାଙ୍କ ପ୍ରିତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ଏକଥା ସ୍ପଷ୍ଟ କରିଛନ୍ତି, ଯେ ମୋମିନ୍ ହେଉଛନ୍ତି ସେହିମାନେ ଯେ ଅଲ୍ଲାଃଙ୍କ ମାର୍ଗରେ ନିଜ ପ୍ରିୟ ଅର୍ଥ ଦାନ କରିଥାନ୍ତି । କୌଣସି ସ୍ଥଳେ ଜକାତ୍ ଓ ସଦ୍‌କାଃ ମାଧ୍ୟମରେ ଖର୍ଚ୍ଚ କରିବାକୁ କହିଛନ୍ତି ତ ଆଉ କେଉଁ ସ୍ଥଳେ ସେ ଅନ୍ୟ ପନ୍ଥାରେ ଖର୍ଚ୍ଚ କରିବାକୁ ଲୋକମାନଙ୍କୁ ଅର୍ଥାତ ମାନ୍ୟକାରୀମାନଙ୍କୁ ଅନୁପ୍ରାଣିତ କରିଛନ୍ତି । ପୁନଶ୍ଚ ସେହି ଜମା ଅର୍ଥକୁ ବିନିଯୋଗ କରିବାର ଭିନ୍ନ ଭିନ୍ନ ମାର୍ଗ ବିସ୍ତାର ଭାବରେ ଦର୍ଶାଇ ଦେଇଛନ୍ତି ଉଦାହରଣ ସ୍ୱରୁପ ଐଶ୍ୱରୀୟ ଜମାତ୍‌ର କାର୍ଯ୍ୟ ଶୈଳୀ ହେଉଛି ଏହା କି ସେ ନିଜର ଧନକୁ ପବିତ୍ର କରିବାପାଇଁ, ଅଲ୍ଲାଃଙ୍କ କୃପା ହାସଲ କରିବା ପାଇଁ, ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ହାସଲ କରିବା ପାଇଁ ପରମେଶ୍ୱରଙ୍କ ମାର୍ଗରେ ବ୍ୟୟ କରିଥାଏ ।

ଆମ ଜମାତ୍‌ରେ ମଧ୍ୟ ଏହିପରି ଆର୍ଥିକ ବଳିଦାନ କରିବାର ଧାରା ଅଭ୍ୟାହତ ରହିଛି । ଜମାତ୍‌ର ଲୋକମାନଙ୍କୁ ମଧ୍ୟ ଏକଥା ଜଣା ଯେ ଅଲ୍ଲାଃଙ୍କର ଏ ଆଦେଶ ରହିଛି । ସେମାନେ ଯେଉଁ ବଳିଦାନ ଦେଉଛନ୍ତି ତାହା ପୁଣି କିପରି ଖର୍ଚ୍ଚ କରାଯାଉଅଛି । ହଜରତ ମସିହ ମଉଦ ଆ:ସ ଯେଉଁ ମିଶନ୍‌କୁ ନେଇ ଆସିଥିଲେ ଅର୍ଥାତ ଅଲ୍ଲାଃ ତାଲାଙ୍କ ଏକଶ୍ୱରବାଦକୁ ପ୍ରତିଷ୍ଠା କରିବା ଏବଂ ଇସ୍‌ଲାମ୍ ଓ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧ୍ୱଜା ସମଗ୍ର ସଂସାରରେ ଲହରାଇବା ଏହି କାର୍ଯ୍ୟ କୌଣସି ମାମୁଲି କାର୍ଯ୍ୟ ନଥିଲା । ଏହା ବହୁତ ବ୍ୟାପକ କାର୍ଯ୍ୟ ଅଟେ । ଏହି କାର୍ଯ୍ୟକୁ କରିବା ପାଇଁ ବହୁତ ଅର୍ଥ ଆବଶ୍ୟକ ହୋଇଥାଏ ଏବଂ ଅଲ୍ଲାଃଙ୍କ କୃପାରୁ ସେହି ବିଶାଳ କାର୍ଯ୍ୟକୁ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱରେ ବସବାସ କରୁଥିବା ଅହେମଦୀ ସଦସ୍ୟବୃନ୍ଦ ଧର୍ମ ମାର୍ଗରେ ଅର୍ଥ ଦାନ କରିବାର ନମୁନା ପ୍ରଦର୍ଶନ କରୁଛନ୍ତି ଓ ସେମାନଙ୍କର ନମୁନାଗୁଡ଼ିକୁ ଦେଖି ମଣିଷର ବିଶ୍ୱାସ ପୂର୍ବ ଅପେକ୍ଷା ଅଧିକ ଦୃଢ଼ୀଭୁତ ହୋଇଥାଏ, ଯେ ସୁନିଶ୍ଚିତ ରୂପେ ହଜରତ ମସିହ୍ ମଉଦ୍ ଆ:ସ ଅଲ୍ଲାଃ ତାଲାଙ୍କର ସେହି ପ୍ରେରିତ ଦୂତ ଅଟନ୍ତି ଯାହାଙ୍କ ମାଧ୍ୟମରେ ଏହି ଅନ୍ତିମ ଯୁଗରେ ଇସ୍‌ଲାମର ସୁନ୍ଦର ଶିକ୍ଷା ସଂସାରରେ ପରିବ୍ୟାପ୍ତ ହେବା ନିୟତ ଥିଲା । ଯଦି ଅହେମଦିୟତ୍‌ର ବିରୋଧିମାନେ କେବଳ ଏହି ଗୋଟିଏ ନିଦର୍ଶନକୁ ଚିନ୍ତା କରି ଦେଖିବେ ଓ ନିଜ ହୃଦୟର ମଳିନତାକୁ ଦୂର କରି ନ୍ୟାୟ ପୂର୍ଣ୍ଣ ଆଚରଣ କରିବେ ତେବେ ଅହେମଦିୟତ୍‌ର ସତ୍ୟତା ସେମାନଙ୍କ ହୃଦୟକୁ ପବିତ୍ର କରିଦେବ । କିନ୍ତୁ ଏହି ନାମକୁ ମାତ୍ର ଧର୍ମଗୁରୁ (ମୌଲବି)ମାନଙ୍କ ହୃଦୟ ତ ପାଷାଣ ଠାରୁ ମଧ୍ୟ ଅଧିକ ଶକ୍ତ । ସେ ଯାହା ହେଉ ସେମାନଙ୍କ ମାମଲା ଅଲ୍ଲାଃ ତାଲାଙ୍କ ସହିତ ରହିଛି ଓ ସେହି ଈଶ୍ୱର ହିଁ ସେମାନଙ୍କ ନିଷ୍ପତି କରିବେ ।

ଯେପରି କି ମୁଁ କହିଲି ଅହେମଦୀ ନିଜ ଅର୍ଥ ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ କରିଥାନ୍ତି ଏବଂ ଏହି ନିୟତର ସହିତ ଖର୍ଚ୍ଚ କରିଥାନ୍ତି ଯେ ସେମାନେ ହଜରତ ମସିହ୍ ମଉଦ୍ ଆ:ସଙ୍କ ମିଶନ୍ ପୂରଣ କରିବାରେ ସହାୟକ ହେବେ । ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧ୍ୱଜାକୁ ସାରା ସଂସାରରେ ଲହରାଇବେ । ନିଃସନ୍ଦେହ ରୂପେ ଏହା ଅଲ୍ଲାଃ ତାଲାଙ୍କର ମୋମିନ୍ ମାନଙ୍କ ସହିତ ଅଙ୍ଗୀକାର କରିଛନ୍ତି ଯେ ତୁମେ ଯାହା କିଛି ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ କରୁଛ ମୁଁ ତାହାକୁ ଅନେକ ଗୁଣ ବଢ଼ାଇ ଫେରସ୍ତ କରିବି କିନ୍ତୁ ଅନେକ ଅହେମଦୀ ଏହି ନିୟତ ରଖି ସହିତ ଖର୍ଚ୍ଚ କରିଥାନ୍ତି ଯେ ଏତଦ୍‌ଦ୍ୱାରା ଆମେ ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିବୁ । ଏଥି ସହିତ ଯଦି ସାଂସାରିକ ଉପକାର ସାଧିତ ହୋଇଯାଏ ଅର୍ଥାତ ଅଲ୍ଲାଃ ତାଲା ତାଙ୍କୁ ଉତମ ଫଳ ପ୍ରଦାନ କରନ୍ତି ତେବେ ତାହା ପ୍ରଭୁଙ୍କର ତାଙ୍କ ଉପରେ ବଡ଼ କୃପା ଓ କଲ୍ୟାଣ ସେମାନଙ୍କର ଏ ଚିନ୍ତାଧାରା ରହିଥାଏ ଯେ ଏହି ଆର୍ଥିକ ବଳିଦାନ ଦ୍ୱାରା ଈଶ୍ୱର ଆମ ଉପରେ ପ୍ରସନ୍ନ ହୁଅନ୍ତୁ ଓ ଆମର ପରକାଳକୁ ସୁଧାରିବାର ସାମାନ୍ ସୃଷ୍ଟି ହୋଇଯାଉ ।

ଯମାତ୍ ଅହେମଦୀୟା କୌଣସି ଅରବପତୀ ଯମାତ ନୁହେଁ, ଏହି ଜମାତର ଅଧିକାଂଶ ଲୋକ ଗରିବ ଓ ମଧ୍ୟବିତ ଶ୍ରେଣୀର କିନ୍ତୁ ଏହା ସତ୍ତ୍ୱେ ସେମାନଙ୍କ ମଧ୍ୟରେ କୁର୍ବାନୀର ଏକ ଉତ୍ସାହ ଓ ଉଦୀପନା ଭରି ରହିଛି । ଯମାତ ନିଜର ସିମୀତ ସମ୍ବଳ ମଧ୍ୟରେ ଯେଉଁ କାର୍ଯ୍ୟ ଆରମ୍ଭ କରିଥାଏ ଅଲ୍ଲାଃ ତାଲା ସେଥିରେ କଲ୍ୟାଣ ରଖିଦେଇଥାନ୍ତି । ଏହି ଗରିବ ଲୋକମାନେ ନିଜର ଚାନ୍ଦା ଦେଇ ଏ ଚେଷ୍ଟାରେ ଲାଗିଥାନ୍ତି ଯେ ଇସ୍‌ଲାମ୍‌ର ଏହି ଦ୍ୱିତୀୟ ଯୁଗରେ ଆମର ବି କିଛି ଅଂଶଦାନ ରହୁ । ପୁଣି ଏହି ମାମୁଲି ବଳିଦାନ ମଧ୍ୟ ଅଲ୍ଲାଃଙ୍କ ନିକଟରେ ଗ୍ରହଣୀୟ ହୋଇ ଲକ୍ଷ ଲକ୍ଷ ଓ କୋଟି କୋଟି ପାଉଣ୍ଡ ସମାନ ଫଳ ପ୍ରଦାନ କରିଥାଏ । ତେଣୁ ଅସଲ ଜିନିଷ ହେଉଛି ଏହା ଅଲ୍ଲାଃଙ୍କ ନିକଟରେ ଗ୍ରହଣୀୟ । କିନ୍ତୁ ଦେଖଣାହାରୀ ମଣିଥାନ୍ତି ଯେ ସମ୍ଭବତଃ ଏମାନେ ଅର୍ଥାତ ଜମାତ୍‌ର ଲୋକମାନେ ଏହି କାର୍ଯ୍ୟରେ ଅନେକ ମିଲିୟନ୍ ଅର୍ଥ ଖର୍ଚ୍ଚ କରୁଥିବେ କିନ୍ତୁ ସେମାନଙ୍କୁ ଜଣାନାହିଁ ଯେ ଏହା ଗରୀବ ଲୋକମାନଙ୍କ ଚାନ୍ଦା ଯାହାକୁ ଅଲ୍ଲାଃ କଲ୍ୟାଣ ପ୍ରଦାନ କରିବା ଫଳରେ ଆମର ଛୋଟ ଛୋଟ କାର୍ଯ୍ୟ ମଧ୍ୟ ଲୋକମାନଙ୍କୁ ବଡ଼ ବଡ଼ ଦୃଶ୍ୟମାନ ହେଉଅଛି ।

ଏଠାରେ ଏକଥା ବତାଇ ଦେବାକୁ ଚାହିଁବି ଯେ ଯେତେବେଳେ ଜମାତ ଆଗକୁ ବଢ଼ିଥାଏ ଓ ବିକାଶ ଲାଭ କରିଥାଏ ସେତେବେଳେ ବିଭିନ୍ନ ଚିନ୍ତାଧାରା ରଖୁଥିବା ଓ ଲୋକମାନେ

ତଥା ସ୍ୱଳ୍ପ ଶିକ୍ଷିତ ପୂରାତନ ଅହେମଦୀମାନଙ୍କ ମଧ୍ୟରେ ଏପରି ଲୋକ ଦୃଷ୍ଟିଗୋଚର ହୋଇଥାନ୍ତି ଯେଉଁମାନେ ନିଜ ଘରେ ଓ ପିଲାମାନଙ୍କ ସମ୍ମୁଖରେ ଏପରି କଥା କହିଦେଇଥାନ୍ତି ତେଣୁ ପିଲାମାନଙ୍କ ମନରେ ଏ ପ୍ରଶ୍ନ ଉଙ୍କି ମାରିଥାଏ ଫଳତଃ ସେମାନେ ଏହି ପ୍ରଶ୍ନ କରିଦେଇଥାନ୍ତି କି ଆମେ ଚାନ୍ଦା କାହିଁକି ଓ କ'ଣ ପାଇଁ ଦେବୁ ? ଏପରି ଲୋକେ ନିଜ ଘରେ ମଧ୍ୟ ନିଜ ସନ୍ତାନମାନଙ୍କ ସମ୍ମୁଖରେ ଏପରି ନକାରାତ୍ମକ ବାର୍ତାଳାପ ଆରମ୍ଭ କରିଦେଇଥାନ୍ତି । ଯଦ୍ୱାରା ପିଲାମାନଙ୍କ ମଧ୍ୟରେ ଏପରି ପ୍ରଶ୍ନ ଉଙ୍କି ମାରିବା ଆରମ୍ଭ ହୋଇଥାଏ ଯେ ଆମେ ଚାନ୍ଦା କାହିଁକି ଓ କ'ଣ ପାଇଁ ଦେବା ଏଥିରେ ଆମର କଣ ଉପକାର ସାଧିତ ହେବ ? ସୁତରାଂ ଏହା କର୍ମକର୍ତାମାନଙ୍କ ଦାୟିତ୍ୱ ଯେ ସେମାନେ ନିଜ ଆଚରଣ ଓ ଅମଲ ଦ୍ୱାରା ଲୋକମାନଙ୍କ ସନ୍ଦେହ ଦୂର କରନ୍ତୁ । ଲୋକମାନଙ୍କୁ ଆଶ୍ୱସ୍ତ କରନ୍ତୁ ଯଦ୍ୱାରା ଲୋକମାନଙ୍କ ମନରେ ଭରଷା ରହିବ । ସେମାନଙ୍କୁ ଜ୍ଞାତ ହେବା ଉଚିତ ଯେ, ଲୋକମାନେ ଯେଉଁ କୁର୍ବାନୀ କରୁଛନ୍ତି ତାହାର ଏକ ବିଶେଷ ଆବଶ୍ୟକତା ରହିଛି ଓ ସେହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ତାହା ଖର୍ଚ୍ଚ କରାଯାଉଅଛି ଓ ସେମାନେ ବହୁତ ପ୍ରେମର ସହିତ ଲୋକମାନଙ୍କୁ ବୁଝାନ୍ତୁ ଯେ ଏହି ଅର୍ଥଦାନ କରିବାର ପ୍ରଭୁଙ୍କ ଦୃଷ୍ଟିରେ କିଭଳି ଗୁରୁତ୍ୱ ରହିଛି । ଏହି କୁର୍ବାନୀ ଫଳରେ ସେମାନଙ୍କୁ ଅଲ୍ଲାଃ ତାଲାଙ୍କ ପ୍ରତିଭାଜନ ଲାଭ ହୋଇଥାଏ । ସେହି ଅର୍ଥ ଦ୍ୱାରା ଇସ୍‌ଲାମ୍‌ର ପ୍ରଚାର ପ୍ରସାର କାର୍ଯ୍ୟ, ଆମ ଟି.ଭି ଚ୍ୟାନେଲର ପ୍ରସାରଣ କାର୍ଯ୍ୟ, ମୁବଲ୍ଲିଗ୍ ଓ ମୁଅଲ୍ଲିମ୍‌ମାନଙ୍କର ଶିକ୍ଷା ଓ ପ୍ରଶିକ୍ଷଣରେ ଓ ସେମାନଙ୍କ ଜରିଆରେ ତବ୍‌ଲିଗ୍‌ରେ ଖର୍ଚ୍ଚ ହୋଇଥାଏ । ମସ୍‌ଜିଦ୍ ଓ ମିଶନ୍ ହାଉସ୍‌ର ନିର୍ମାଣ କାର୍ଯ୍ୟ, ପୁସ୍ତକ ପ୍ରକାଶନ, ଗରୀବ ଅଭାବୀ ପିଲାମାନଙ୍କ ଶିକ୍ଷାରେ ବିନିଯୋଗ ହୋଇଥାଏ ତଥା ଭୋକିଲା ଲୋକମାନଙ୍କୁ ଖାଦ୍ୟ ଖୁଆଇବାର ବ୍ୟବସ୍ଥା କରିବା କାର୍ଯ୍ୟ ଆଦି ସମ୍ପନ୍ନ ହୋଇଥାଏ ଓ ଏ ବାବଦରେ ଆମ ଜମାତର ଆହୁରି ଅନେକ ଖର୍ଚ୍ଚ ରହିଛି । ତେଣୁ ଏହି ମାର୍ଗରେ ଏ ସବୁ ଅର୍ଥ ବ୍ୟୟ ହୋଇଥାଏ ।

ଏକଥା ମୁଁ ଏଥିସକାଶେ ଆଲୋଚନା କରୁନାହିଁ ଯେ **ଖୁଦାନାଖାସ୍ତା** (ଅଲ୍ଲାଃ ନ କରନ୍ତୁ) ଅହେମଦୀମାନଙ୍କ ମନ ଭିତରେ ଅର୍ଥଦାନ କରିବା ପୂର୍ବରୁ କାଳେ ଏପରି ନକରାତ୍ମକ ପ୍ରଶ୍ନ ଉଠୁଥିବ ନୁହେଁ ବରଂ ଏହି ଉଦ୍ଦେଶ୍ୟରେ କହୁଛି ଯେ ଯେତେବେଳେ ଜମାତ୍ ଉନ୍ନତି ଓ ବିକାଶ ପଥରେ ଅଗ୍ରସର ହୋଇଥାଏ ସେତେବେଳେ ଉନ୍ନତି ସହିତ ଭ୍ରମ ଉତ୍ପନ୍ନକାରୀ ସଇତାନ ମଧ୍ୟ ଆସିଯାଇଥାନ୍ତି ଓ ସେମାନେ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରି ସ୍ୱଳ୍ପ ଶିକ୍ଷିତ ଲୋକମାନଙ୍କ ମନରେ ଏହି ସନ୍ଦେହ ଉପୁଜାଇଥାନ୍ତି ଓ ଏଥି ପାଇଁ ଉଦ୍ୟମ କରିଥାନ୍ତି । ଅଲ୍ଲାଃ ତାଲାଙ୍କର ଅଶେଷ ଦୟା ଯେ ଆମ ଯମାତ୍‌ର ସଦସ୍ୟବୃନ୍ଦ ଅତି ଦୃଢ଼ ଚିନ୍ତାଧାରା ପୋଷଣ କରିଥାନ୍ତି ତେଣୁ

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 02-09 Dec 2021 Issue No. 48-49

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ସେମାନେ ସଇତାନର ଭ୍ରମକୁ ଭ୍ରୁକ୍ଷେପ କରିନଥାନ୍ତି ବରଂ ସେମାନେ ଏକଥା ହୃଦୟଙ୍ଗମ କରିଥାନ୍ତି ଯେ ଯମାତ୍‌କୁ ପରିଚାଳିତ କରିବାପାଇଁ ଅର୍ଥର ଆବଶ୍ୟକତା ରହିଛି ଏହା ଅଲ୍ଲାଃ ତାଲାଙ୍କର ଆଦେଶ ଯେ, ତାଙ୍କ ମାର୍ଗରେ ଖର୍ଚ୍ଚ କରିବା ଉଚିତ ଏବଂ ସେ ହିଁ ଏପରି ଖର୍ଚ୍ଚ କରିବାକୁ ଆଦେଶ ଦେଇଛନ୍ତି । ସୁତରାଂ ଜମାତ୍‌ରେ ଏପରି ଅଗଣତି ଉଦାହରଣ ରହିଛି ଯେ ଲୋକମାନେ ନିଜ ନିକଟରେ କିଛି ନଥିବା ସତ୍ୱେ ମଧ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବାପାଇଁ କୌଣସି ନା କୌଣସି ମାଧ୍ୟମରେ ଯୋଗାଡ଼ କରି ଚାନ୍ଦା ଦେଇଥାନ୍ତି ପୁଣି ଅଲ୍ଲାଃ ତାଲା ଏହି କୁର୍ବାନୀକୁ କଦାପି ବ୍ୟଥ ଯିବାକୁ ଦେଇନଥାନ୍ତି, ପୁନଶ୍ଚ ଅଲ୍ଲାଃ ତାଲା ନିଜ ଅଙ୍ଗୀକାର **ଓ୍ୱ ୟର୍‌ଜୁକ୍‌ହୁ ମିନ୍ ହୈସୁ ଲା ୟହ୍‌ତସିବ୍** ଅନୁସାରେ ଏହା ତାଙ୍କର ପ୍ରତିଶୃତି ଯେ, ବଳିଦାନକାରୀଙ୍କୁ ସେ ଏମିତି ସ୍ଥାନରୁ ଅର୍ଥ ପ୍ରଦାନ କରିବେ ଏବା ପ୍ରଦାନ ମଧ କରିଥାନ୍ତି ଯେଉଁ ସ୍ଥାନରୁ ଅର୍ଥ ଆସିବାର କଳ୍ପନା ମଧ ସେମାନେ କରିନଥାନ୍ତି । ସୁତରାଂ ଅଲ୍ଲାଃ ତାଲା ନିଜ ପ୍ରତିଶୃତି ନିଶ୍ଚିତ ପୂରଣ କରିଥାନ୍ତି ଏବଂ ଯମାତ୍ ଅହେମଦୀୟାରେ ଏଭଳି ଅଗଣିତ ଉଦାହରଣ ରହିଛି ଯେ ନିଜ ନିକଟରେ କିଛି ନଥାଇ ମଧ ପ୍ରଭୁଙ୍କ ମାର୍ଗରେ ତାଙ୍କ ପ୍ରିତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା ଫଳରେ ପରମେଶ୍ୱର ତାଙ୍କୁ କୌଣସି ନା କୌଣସି ମାଧ୍ୟମରେ ପ୍ରଦାନ କରିଦେଇଥାନ୍ତି ଏପରି ନୁହେଁ ଯେ ଅହେମଦୀମାନେ କେବଳ ଏହା ପବିତ୍ର କୁର୍‌ଆନ୍‌ରେ ପଢୁଛନ୍ତି ବରଂ ଆଜି ମଧ୍ୟ ଏହାକୁ ପୁରଣ ହେବାର ଦେଖୁଛନ୍ତି ଓ ଏହା କୌଣସି ପୁରୁଣା ଲୋକ କଥା ନୁହେଁ ବରଂ ଏହା ଏଭଳି ଅଭିଜ୍ଞତା ଯାହାକି ଲୋକେ ଆଜି ମଧ ମତେ ପତ୍ର ଲେଖୁଛନ୍ତି । ଅଲ୍ଲାଃ ତାଲା ଆଜି ମଧ ମୋମିନ୍‌ମାନଙ୍କ ବିଶ୍ୱାସକୁ ଦୃଢ଼ତା ପ୍ରଦାନ କରିଚାଲିଛନ୍ତି । ସେ କେବଳ ବଳିଦାନକାରୀଙ୍କ ଉପରେ ନିଜ କୃପା ଅବତୀର୍ଣ୍ଣ କରିନଥାନ୍ତି ବରଂ ଏହି ଘଟଣାବଳୀ ଦ୍ୱାରା ପ୍ରଭୁ ସେହି ବଳିଦାନକାରୀଙ୍କ ପରିଜନମାନଙ୍କ ବିଶ୍ୱାସକୁ ମଧ ଦୃଢ଼ିଭୂତ କରିଥାନ୍ତି ଏବଂ ସେମାନଙ୍କୁ ମଧ ଏହି ଅର୍ଥ ଦାନ ଫଳରେ ଏହା ଅନୁଭବ ହୋଇଥାଏ ଓ ସେମାନେ ହୃଦୟଙ୍ଗମ କରିଥାନ୍ତି ଯେ ନିଜର ଏହି ବଳିଦାନରେ ସେମାନଙ୍କର ଅଧିକ ଉନ୍ନତି ସାଧିତ ହୋଇଛି । ଅଲ୍ଲାଃ ତାଲା କିପରି ତାଙ୍କର ପ୍ରତିଫଳ ପ୍ରଦାନ କରିଥାନ୍ତି ଆଜି ମୁଁ ସେହିପରି କିଛି ଉଦାହରଣ ଏଠାରେ ଉପସ୍ଥାପନ କରିବି ।

ଗିନି କନାକରିରୁ ଗୋଟିଏ ଉଦାହରଣ ଶୁଣନ୍ତୁ, ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଲେଖିଛନ୍ତି ଯେ ଗତବର୍ଷ ତହ୍‌ରିକେ-ଏ-ଜଦିଦ୍ ପ୍ରସଙ୍ଗରେ ଯେଉଁ ବିଶ୍ୱାସ ବର୍ଦ୍ଧକ ଘଟଣା ମୁଁ ଖୁତ୍‌ବାରେ ଆଲୋଚନା କରିଥିଲି ତାହା ସେ ପାଠ କରି ଯମାତରେ ଶୁଣାଇଲେ ଏବଂ ଲୋକମାନଙ୍କୁ ଅନୁପ୍ରାଣିତ କରି କହିଲେ, ଆପଣମାନଙ୍କୁ ମଧ ଏଭଳି ନମୁନା ପ୍ରଦର୍ଶନ କରିବା ଉଚିତ ସେତେବେଳେ ସେଠାରେ ଉପସ୍ଥିତ ଜଣେ ମହିଳା ଶ୍ରୀମତି ମେମୁନା ସାହିବା ଫୋନ୍ କରି କହିଲେ, ମୋ ଘର ଖର୍ଚ୍ଚ ପାଇଁ ମୋ ହାତରେ ଅର୍ଥ ନଥିଲା ଓ ମୋ ସ୍ୱାମୀ କାର୍ଯ୍ୟର ଅନେଷ୍ୱଣରେ ସହରରୁ ବାହାରକୁ ଯାଇଥିଲେ କିନ୍ତୁ ଜୁମା ନମାଜ ପରେ ମୋ ପିତା ମତେ ଏକ ଲକ୍ଷ ଫ୍ରାଙ୍କ ଉପହାର ଦେଲେ ସେତେବେଳେ ମୁଁ ଦ୍ୱିଧାରେ ପଡ଼ିଗଲି ଯେ ଏହି ଅର୍ଥକୁ ଚାନ୍ଦାରେ ଦେବି ନା ଘର ଖର୍ଚ୍ଚ କରିବି । ଶେଷରେ ମୁଁ ଦୁଆ କଲି ଏବଂ ପଚାଶ ହଜାର ଫ୍ରାଙ୍କ ତହ୍‌ରିକେ ଜଦିଦ୍‌ରେ ପଇଠ କରିଦେଲି । ସେ କୁହନ୍ତି ଉକ୍ତ ଘଟଣାକୁ ୨୪ ଘଂଟା ଅତିବାହିତ ହୋଇନଥିଲା ଯେ, ଅଲ୍ଲାଃ ତାଲା ମତେ ତିନିଲକ୍ଷ ଫ୍ରାଙ୍କ ପ୍ରଦାନ କରିଦେଲେ ଓ ଏହା ମିଳିବ ବୋଲି ମୁଁ କେବେ କଳ୍ପନା ହିଁ କରିନଥିଲି । ଏଥିରେ ମୁଁ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କଲି ଯେ ସେ ମତେ ସଠିକ୍ ନିଷ୍ପତି ନେବାକୁ ଶକ୍ତି ପ୍ରଦାନ କରିଥିଲେ ଓ ଏତଦ୍‌ଦ୍ୱାରା ମୋର ବିଶ୍ୱାସରେ ମଧ ବେଶ୍ ଅଭିବୃଦ୍ଧି ଘଟିଲା ।

କାନାଡ଼ାର ଗୋଟିଏ ମଜ୍‌ଲିସ୍‌ର ସଦର ମଜ୍‌ଲିସ୍ କୁହନ୍ତି; ସେକ୍ରେଟାରୀ ତହ୍‌ରିକେ-ଏ-ଜଦିଦ୍ ସାହେବ ବଜେଟ ପୂରଣ କରିବା ପାଇଁ ଯେତେବେଳେ ବକେୟାଦାରଙ୍କର ବାକି ରାଶି'ର ହିସାବ କିତାବ କଲେ ସେତେବେଳେ ସାମାନ୍ୟ ଧରଣ ଅର୍ଥାତ ସ୍ୱଳ୍ପ କିଛି ଟଙ୍କାର ଅର୍ଥାତ ୩୨୫ ଡ଼ଲାର ଥିଲା, ଯାହାକି ପଇଠ କରିବା ବାକି ଥିଲା ଏବଂ ସେ ଏହି ନିଶ୍ଚୟ କରିନେଲେ ଯେ, ଏହି ଅର୍ଥ ସେ ସ୍ୱୟମ ପଇଠ କରିଦେବେ । କିନ୍ତୁ ନିଜ ବ୍ୟାଙ୍କ ଆକାଂଉଟ ଦେଖିବାରୁ ଜଣାଗଲା ଯେ, ତାଙ୍କ ଖାତାରେ କିଛି ଅର୍ଥ ହିଁ ନଥିଲା ବରଂ ଖାତା ମାଇନସ୍‌ରେ ଥିଲା । ଅର୍ଥାତ ୩ ଡ଼ଲାର ମାଇନସ୍‌ରେ ଥିଲା କାରଣ ସେ ଅଧିକ ଟଙ୍କା ଉଠାଣ କରିନେଇଥିଲେ । ସେ କୁହନ୍ତି ପରବର୍ତୀ ଦିନ ଯେତେବେଳେ ମୁଁ ଆକାଂଉଟ ଚେକ୍ କଲି ସେତେବେଳେ ଆଚମ୍ଭିତ ହୋଇଗଲି । କାରଣ ମୋ ଆକାଂଉଟରେ ତିନିହଜାର ଡ଼ଲାରରୁ ଅଧିକ ରାଶି ଜମା ହୋଇଯାଇଥିଲା ଯାହାକି ବହୁ ଦିନ ପୂର୍ବରୁ ପେଣ୍ଡିଙ୍ଗ ପଡ଼ିଥିଲା ଓ ସେହି ଅର୍ଥ ମିଳିବାର ମଧ କୌଣସି ମୋର ଆଶା ମଧ ନଥିଲା । କିନ୍ତୁ ଅଲ୍ଲାଃ ତାଲାଙ୍କ କୃପାରୁ ଯେତେବେଳେ ମୁଁ ତହ୍‌ରିକେ-ଏ-ଜଦିଦ୍‌ରେ ଚାନ୍ଦା ଦେବାର ନିୟତ କରିନେଲି ସେତେବେଳେ ମୋ ପାଇଁ ଏହି ବ୍ୟବସ୍ଥା ଅଲ୍ଲାଃ ସ୍ୱୟମ କରିଦେଲେ ।

ପୁନଶ୍ଚ ସାଉଥ ଆଫ୍ରିକାର ଜଣେ ବନ୍ଧୁ ଶ୍ରୀମାନ୍ ଶାହିନ୍ ସାହେବ କୁହନ୍ତି; ମୁଁ ତହ୍‌ରିକେ-ଏ-ଜଦିଦ୍‌ର ଚାନ୍ଦା ପଇଠ କରିଦେଲି ଓ ମୋ ଆକାଂଉଟରେ ଥିବା ଅର୍ଥର ଅର୍ଦ୍ଧେକ ଟଙ୍କା ଚାନ୍ଦାରେ ପଇଠ କରିଦେଲି ଓ ତାହା କୌଣସି ମୋଟା ଅଙ୍କର ଅର୍ଥ ନଥିଲା କିନ୍ତୁ ମୋ ଦୃଷ୍ଟିରେ ଏହି କଥା ଥିଲା ଯେ ବୋଧ ହୁଏ ଏହା ତହ୍‌ରିକେ ଜଦିଦ୍‌ର ଶେଷ ମାସ ଓ ଯଦି ମୁଁ ବର୍ତମାନ ଚାନ୍ଦା ନ ଦିଏ ତେବେ ସମ୍ଭବତଃ ଆଉ ମତେ ଅବସର ମିଳିବନାହିଁ ତେଣୁ ମୁଁ ତହ୍‌ରିକେ-ଏ-ଜଦିଦ୍‌ର ଚାନ୍ଦା ପଇଠ କରିଦେଲି । ସେ କୁହନ୍ତି ସେହି ଦିନ ମୋ ପିତା ଆମକୁ ସାକ୍ଷାତ କରିବାପାଇଁ ଆସିଲେ ଓ ସେ କହିଲେ ଯେ ମୁଁ କିଛି ଟଙ୍କା ତୁମ ଆକାଂଉଟକୁ ଟ୍ରାନ୍ସଫର କରିଦେଇଛି ଓ ତାହା ମିଳିଯିବ ଏବଂ ତୁମେ ନିଜ ଆବଶ୍ୟକତା ସେଥିରେ ପୂରଣ କରିନେବ । ସାହିନ୍ ସାହେବ କୁହନ୍ତି ମୋ ପିତା ଯେଉଁ ଅର୍ଥ ଟ୍ରାନ୍ସଫର କରିଥିଲେ ତାହା ମୋ ଦ୍ୱାରା ପଇଠ କରାଯାଇଥିବା ଚାନ୍ଦାଠାରୁ ୨୦ ଗୁଣ ଅଧିକ ଥିଲା । ପୁନଶ୍ଚ କୁହନ୍ତି ମୋର ଆମଦାନୀ ବଢ଼ିଗଲା ଓ ପିତାଙ୍କଠାରୁ ଅର୍ଥ ମିଳିଥିବାରୁ ସେ ଆହୁରି ଅଧିକ ଅର୍ଥ ତହ୍‌ରିକେ ଜଦିଦ୍‌ରେ ଚାନ୍ଦା ଦେଲେ । କାରଣ ସେ କୁହନ୍ତି ମୋର ଆଶା ନଥିଲା ଯେ ଅଲ୍ଲାଃ ତାଲା ମତେ ଏପରି ଅର୍ଥ ଯୋଗାଇ ଦେବେ ବୋଲି ପୁଣି ଯେଉଁ ଦିନ ଚାନ୍ଦା ପଇଠ କରିଥିଲେ ସେଦିନ ତାଙ୍କ ମାଲିକ ତାଙ୍କୁ ଫୋନ୍ କଲେ ଯେ ଯଦି ତୁମେ ପସନ୍ଦ କର ତେବେ ଆମେ ତୁମକୁ ଦୁବେଇରେ ଏକ ଚାକିରି ପ୍ରଦାନ କରିବୁ । ସେ ତାଙ୍କ ପ୍ରସ୍ତାବକୁ ସ୍ୱୀକାର କରିନେଲେ ଏବଂ ଏପରି ଏକ ଅତି ଉତମ ରୋଜଗାରର ବ୍ୟବସ୍ଥା ଅଲ୍ଲାଃ ତାଲା ତାଙ୍କ ପାଇଁ କରିଦେଲେ । ସେ କୁହନ୍ତି ଏହି ଦୁଇଟି ଘଟଣା କୌଣସି ସଂଯୋଗ ନୁହେଁ ବରଂ ମୋର ଦୃଢ଼ ବିଶ୍ୱାସ ଯେ ଏହା ଅଲ୍ଲାଃ ତାଲାଙ୍କ ବରଦାନ ଯାହାକି ଚାନ୍ଦା ଦେବା ଦ୍ୱାରା ଓ କୁର୍ବାନୀ କରିବା ଫଳରେ ପ୍ରଭୁ ମୋତେ ପ୍ରଦାନ କରିଛନ୍ତି ।

ଅଷ୍ଟ୍ରେଲିୟାର ମୁରବୀ ସାହେବ ଲେଖିଛନ୍ତି ଯେ ଯମାତ୍‌ର ଜଣେ ମେମ୍ବର କହିଲେ, ମୁଁ ଚାନ୍ଦା ଦେବାକୁ ଓ୍ୱାଦା କରିଛି କିନ୍ତୁ ମୋର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା କିନ୍ତୁ ଯେତେବେଳେ ମୁଁ ଓ୍ୱାଦା କରିଥିବା ଅର୍ଥରାଶିକୁ ଚାନ୍ଦା ଆକାରରେ ପଇଠ କଲି ସେତେବେଳେ ମନରେ ଏହି କଥା ରହିଥିଲା ଯେ ପ୍ରଭୁ ମତେ ଶହେଗୁଣ ବଢ଼ାଇ ଫେରସ୍ତ କରିଦେବେ । ମୁଁ ଗୋଟିଏ ପ୍ଲଟ କିଣିଥିଲି ଯାହାର ଭାଲ୍ୟୁଏସନ୍ ବଢ଼ିବାର କୌଣସି ଆଶା ନଥିଲା କିନ୍ତୁ ଚାନ୍ଦା ପଇଠ କରିବା ପରେ ପରମେଶ୍ୱର ଅଭୁତପୂର୍ବ ରୂପେ ଉକ୍ତ ପ୍ଲଟର ମୂଲ୍ୟ ଶହେ ଗୁଣ ବଢ଼ାଇ ଦେଲେ ଏଥିରେ ମୋର ବିଶ୍ୱାସ ଦୃଢ଼ିଭୁତ ହେଲା ଯେ ପ୍ରଭୁ ମୋ ଅର୍ଥ ଦାନକୁ ସ୍ୱୀକାର କରିଛନ୍ତି ଓ ମତେ କୃପା ପ୍ରଦାନ କରିଛନ୍ତି ।

*କ୍ରମଶଃ......*

*ପୃଷ୍ଠା- ୦୯ ର ଅବଶିଷ୍ଟାଂଶ ......*

ଅଭିରୁଚି ରଖୁଥିଲେ । ପୁନଶ୍ଚ ଡ଼ାକ୍ତର ସାହେବ ଉଲ୍ଲେଖ କରିଛନ୍ତି ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜତବା ସାହେବ ଅହେମଦୀୟା ହସ୍ପିଟାଲ୍ ଓସୋ କେରୋରେ ନିଃସନ୍ଦେହ ସର୍ଜରି ଆଦି କ୍ଷେତ୍ରରେ ଉକୃଷ୍ଟ ସେବା ସମ୍ପାଦନ କରିଛନ୍ତି ଯାହାର ଫଳ ଆଜି ଆମେମାନେ ଏହି ରୋଗୀମାନଙ୍କ ରୂପରେ ଦେଖୁଛୁ । ଏହି ରୋଗୀମାନେ ପଶ୍ଚିମ ଆଫ୍ରିକାର ବିଭିନ୍ନ ଦେଶରୁ ଏହି ହସ୍ପିଟାଲ୍‌ରେ ଚିକିତ୍ସା ଓ ଆରୋଗ୍ୟ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ଆସିଥାନ୍ତି ଏବଂ ସରଳ ଆଫ୍ରିକୀୟ ଭାଷାରେ ଡ଼ାକ୍ତର ତାସିର୍ ମୁସ୍ତବା ସାହେବ ତାଙ୍କ ଗୁଣଗାନ କରିଥାନ୍ତି । ତାଙ୍କ ନାମ ତାସିର୍ ମୁଜତବା ଥିଲା । ସେ ଡ଼ାକ୍ତର ମୁଜତବା ନାମରେ ଜଣାଶୁଣା ଥିଲେ । ତାଙ୍କ ପିତା ମଧ ଏଠାରେ କିଛି ବର୍ଷ କାଳ କାର୍ଯ୍ୟ କରିଥିଲେ ତାଙ୍କ ବାପାଙ୍କ ନାମକୁ କେନ୍ଦ୍ର କରି ଏହି ମୁଜତବା ନାମଟି ଆଗକୁ ଅଗ୍ରସର ହୋଇଛି । ସେ ହସ୍ପିଟାଲ୍‌ର ପ୍ରାଙ୍ଗଣରେ ଏକ ସୁନ୍ଦର ମସ୍‌ଜିଦ୍ ମଧ ନିର୍ମାଣ କରିଥିଲେ ।

ସେ ଯାହା ହେଉ ନା କାହିଁକି ଡ଼ାକ୍ତର ସାହେବ ଜଣେ ନିଃସ୍ୱାର୍ଥପର ମାନବସେବୀ ବ୍ୟକ୍ତି ଥିଲେ । ନିଜ ବୃତିକୁ ସେ ଏହି କାର୍ଯ୍ୟରେ ବିନିଯୋଗ କରିଥିଲେ । ତାଙ୍କ ପିତା ଓ ମୁଜତବା ସାହେବଙ୍କ ମଧରେ ମୁଁ ଏହି ବିଶେଷତା ମଧ ଦେଖିଛି ଯେ ଗରୀବ ରୋଗୀମାନଙ୍କୁ ମାଗଣା ଚିକିତ୍ସା ଓ ମାଗଣା ଔଷଧ ସହିତ ଖାଦ୍ୟପେୟର ବ୍ୟବସ୍ଥା ମଧ କରୁଥିଲେ । କେବଳ ଏତିକି ନୁହେଁ ବରଂ ଅଣ୍ଡା, କ୍ଷୀର କିଣି ରଖୁଥିଲେ ରୋଗୀମାନଙ୍କୁ ଦେବାପାଇଁ ଏବଂ କହୁଥିଲେ ତୁମର ଦୁର୍ବଳତା ଏତଦ୍‌ଦ୍ୱାରା ଦୁର ହେବ ।

ଡ଼ାକ୍ତର ଗୁଲାମ୍ ମୁଜତବା ସାହେବ ମଧ ଘାନାରେ ବହୁତ ସେବା ସମ୍ପାଦନ କରିଛନ୍ତି କିନ୍ତୁ ଡ଼ାକ୍ତର ତାସିର୍ ମୁଜତବା ସାହେବ ଏହି କାର୍ଯ୍ୟକୁ ଆହୁରି ଅଧିକ ଆଗେଇ ନେଇଥିଲେ ଏବଂ ମୁଁ ଏମିତି ବହୁତ ଘାନିୟାମାନଙ୍କୁ ଜାଣିଛି ଯେଉଁମାନେ ତାଙ୍କର ଖୁବ୍ ପ୍ରଶଂସା କରୁଥିଲେ । ସେ ଯାହା ହେଉ ନା କାହିଁକି ସ୍ୱର୍ଗତ ଡ଼ାକ୍ତର ତାସିର୍ ମୁଜତବା ସାହେବ ପ୍ରକୃତ ମନୋଭାବ ରଖି ସେହି ସେବା ସମ୍ପାଦନ କରିଥିଲେ । ଯେତେବେଳେ ସେ ଓ୍ୱାକିଫେ ଜିନ୍ଦଗୀଙ୍କ ଚିକିତ୍ସା ପାଇଁ ଯାଉଥିଲେ ସେତେବେଳେ ସେ ସେମାନଙ୍କର ଖୁବ୍ ଯତ୍ନ ନେଉଥିଲେ ଏବଂ ନିଜ ଘରେ ମଧ ସେମାନଙ୍କୁ ଅତିଥିଙ୍କ ପରି ରଖୁଥିଲେ । ଖଲିଫତୁଲ୍ ମସିହ ରାବେ ର:ଅ ଯେତେବେଳେ ଗସ୍ତରେ ଯାଇଥିଲେ ସେତେବେଳେ ସେ ମଧ ତାଙ୍କ ଘରେ ରହିଥିଲେ । ଅତିଥିସତ୍କାର କରିବା ତାଙ୍କର ବିଶେଷଗୁଣ ଥିଲା ।

ହନିଫ୍ ସାହେବ ଲେଖିଛନ୍ତି ଯେ,

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan